**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ରାଇରଙ୍ଗପୁର, ୨୨।୨ (ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଶୁଣ୍ଡଲି ଗ୍ରାମର ଲିପିସାହି ବସ୍ତିର ଜଣେ ଯୁବ ରାଜମିସ୍ତ୍ରୀ ଅଜିତ ଧାର(୨୪) ତାଙ୍କ ସମ୍ପର୍କୀୟ ମାମୁଁଙ୍କ ଗୃହ ନିର୍ମାଣ କାର୍ଯ୍ୟରତ ବେଳେ ଘର ଛାତ ଉପରେ ଯାଇଥିବା ୧୧ କେ.ଭି ବିଦ୍ୟୁତ୍ ତାର ଲାଗିଯିବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୦୨୦) ରୁଜୁ କରିଛି।

## ମାତୃଭାଷାକୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**କୁଆମରା, ୨୨।୨(ଡି.ଏନ.ଏ.):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସୁବଳ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଆ ବିଭାଗର ମୁଖ୍ୟ ଅଧାପିକା ମିତରାଣୀ ଦ୍ୱିବେଦୀ, ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା, ରଶ୍ମିତା ମହାରଣା, ଅଧାପକ ଅଶିନୀ କୁମାର ପ୍ରଧାନ, ପ୍ରଭାତ କୁମାର ସେନାପତି, ଅବନୀ କୁମାର ମହାନ୍ତି, ପ୍ରଦୀପ କୁମାର ପଣ୍ଡା, ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ଭାଷା ଓ ସଂସ୍କୃତିକୁ ବଞ୍ଚାଇବା ସହ ନିଜ ମାତୃଭାଷାକୁ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ଦାସ ବିଶ୍ୱାସ ନାମକ ଶକ୍ତିରେ ଅସଫଳତାକୁ ମଧ ସଫଳତାରେ ପରିବର୍ତ୍ତନ କରି ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଭାଷା ଉପରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରକ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

**ବିଶୋଇ,୨୨।୨(ଡି.ଏନ୍.ଏ.)**-ବିଶୋଇ ଥାନା ୪୯ ନଂ ଜାତୀୟ ରାଜପଥ ସ୍ଥିତ ବିଶୋଇ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଏକ ଟ୍ରକ ସହିତ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶାଗଯୁଡି ଗ୍ରାମର କିସୁନ ମାର୍ଣ୍ଡି। ଶନିବାର ରାତି ସାଢ଼େ ୮ଟାରେ କିସୁନ ନିଜ ବନ୍ଧୁଙ୍କୁ ଦେଖା କରିବା ପାଇଁ ନିଜ ଗ୍ରାମ ଶାଗଜୁଡି ଠାରୁ ଖଡ଼ମବେଡା ଅଭିମୁଖେ ଯାଉଥିବା ବେଳେ ଟ୍ରକ ଧକ୍କା ଦେଇଥିଲା। ସ୍କୁଟିରେ ବସିଥିବା ରୂପେନ୍ଦ୍ର ଛିଟିକି ପଡି ଅଳ୍ପକେ ବର୍ତ୍ତିଯାଇଥିବାବେଳେ ଚାଳକ କିସୁନଙ୍କ ଉପରେ ଟ୍ରକ ଚଢି ଯାଇଥିଲା। ପୋଲିସ ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖିଛି।

# 'ରେଳ ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ'

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି**

**ବାରିପଦା ଅଫିସ,୨୨।୨**



ଏମ୍ପି ବିଶ୍ୱେଶ୍ୱର ଟୁଡୁ ଓ ସିନିୟର ସିଟିଜେନ ଫୋରମର ସଦସ୍ୟମାନେ।

ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହାପରେ କଳ୍ପନା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଏମ୍ପି ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ରେଳ ବିକାଶ ନିଶ୍ଚିତ ବୋଲି କହିଥିଲେ। ଆଲୋଚନାଚକ୍ରରେ ଜିଲାର ପ୍ରମୁଖ ଉନ୍ନୟନ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦରଦାସ ବୁଡାମରା-ଚାକୁଲିଆ, ବାଙ୍ଗିରିପୋଷି-ଗୋରୁମହିଷାଣି, ବାଦାମପାହାଡ଼-କରଞ୍ଜିଆ- କେନ୍ଦୁଝର ରେଳ ପ୍ରକଳ୍ପ, ଉଡାନ ଯୋଜନାରେ ରାସଗୋବିନ୍ଦପୁରଠାରେ ବିମାନ ବନ୍ଦର, ରାଇରଙ୍ଗପୁରଠାରେ ଷ୍ଟିଲ ପ୍ଲାଣ୍ଟ ସହ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ କେନ୍ଦ୍ର କରି ବ୍ୟାପକ ଭାବେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କିପରି କରାଯାଇ ପାରିବ ସେ ଦିଗରେ ପ୍ରଶ୍ନ ଉଠାଇଥିଲେ। ଜିଲାର ୩ଟି ରେଳ ପ୍ରକଳ୍ପ କାର୍ଯ୍ୟକାରିତା ହେବ ବୋଲି ଏମ୍ପି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରେଳମନ୍ତ୍ରୀଙ୍କ ସହିତ ପ୍ରତ୍ୟକ୍ଷ ଭାବେ ସେ ଆଲୋଚନା କରି ପ୍ରକଳ୍ପଗୁଡ଼ିକ ଆଗେଇ ନେବାକୁ ଯତ୍ନଶୀଳ ବୋଲି କହିଥିଲେ।

ସେହିଭଳି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟର ସେ ଜଣେ ସଦସ୍ୟ ଥିବାବେଳେ ଜିଲାର ବିଭିନ୍ନ ଐତିହାସିକ, ସାଂସ୍କୃତିକ ଭଳି ୫୧ଟି ପର୍ଯ୍ୟଟନ କ୍ଷେତ୍ରର ବିକାଶ ନିମିତ୍ତ ପ୍ରସ୍ତାବ ଦେଇ ସେଗୁଡ଼ିକ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରୟାସ ଜାରି ରହିଥିବା ଏମ୍ପି ପ୍ରକାଶ କରିଥିଲେ। ଜିଲାର ବିକାଶ ନିମନ୍ତେ ୧୦ ଜଣିଆ ସଦସ୍ୟଙ୍କୁ ନେଇ ବିକାଶ ପରିଷଦ ଗଠନ କରି ପ୍ରତି ମାସରେ ସରକାରୀ କାର୍ଯ୍ୟ ଠିକ୍ ହେଉଛି କି ନାହିଁ ସେମାନେ ଆକଳନ କରିବେ ବୋଲି ପ୍ରସ୍ତାବ ରଖାଯାଇଥିଲା। ମୟୂରଭଞ୍ଜ ସିଟିଜେନ୍ ଫୋରମର ଏକ ଦଳ ଆସନ୍ତା ମାର୍ଚ୍ଚ ୪ରେ ଦିଲ୍ଲୀଠାରେ ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ସାକ୍ଷାତ କରି ଏହି ଜିଲାରେ ରେଳ ବିକାଶ ପାଇଁ ଦାବିପତ୍ର ଦେବାକୁ ସ୍ଥିର ହୋଇଛି। ବରିଷ୍ଠ ସଭ୍ୟ କୁମାର ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ମୟୂରଭଞ୍ଜ ଅବସରପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ସଂଘର ସମ୍ପାଦକ ଗଙ୍ଗାଧର ବେହେରା, ମଧୁବନ ସିନିୟର ସିଟିଜେନ ଫୋରମର ରଘୁନାଥ ପଣ୍ଡା, ଡ. ସୁଶାନ୍ତ କୁମାର ପାତ୍ର, ଦୁର୍ଯ୍ୟୋଧନ ଗିରି, ଜିତେନ୍ଦ୍ର ନାଥ ବସା, ରବିନାରାୟଣ ଚ୍ୟାଉ ପଟ୍ଟନାୟକ, ରମାକାନ୍ତ ମହାନ୍ତି, ବିଦ୍ୟାଧର ବେହେରା ପ୍ରମୁଖ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ଦୂଷଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଶିବ ମାହାତ୍ମ୍ୟ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ

**ବୈଶିଙ୍ଗା, ୨୨।୨(ଡି.ଏନ.ଏ.)**

ବୈଶିଙ୍ଗା ଅଞ୍ଚଳରେ ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବୈଶିଙ୍ଗା ଗ୍ରାମ ଶିବ ମନ୍ଦିର, କେନ୍ଦୁଆ ଶିବ ମନ୍ଦିର, ମହୁରୀ ଶିବ ମନ୍ଦିର, ରଙ୍ଗାମାଟିଆ ଶିବ ମନ୍ଦିର ଠାରେ ଶ୍ରଦ୍ଧାଳୁମାନଙ୍କୁ ରାତିତମାମ ଅନିଦ୍ରା ରହି ଜାଗର ଜାଳିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରାତି ସାରା ପାଲା ପରିବେଷଣ କରାଯିବା ସହ ଭିଡିଓ ପ୍ରୋଜେକ୍ଟର ମାଧ୍ୟମରେ ଶିବ ମହାତ୍ମ୍ୟ ସମ୍ପର୍କିତ ବିଭିନ୍ନ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା।

ଜୁଗପୁରା ରେଳ ଷ୍ଟେଶନ ନିକଟରେ ଥିବା ଶିବ ମନ୍ଦିରଠାରେ ମହାଆଡ଼ମ୍ବରରେ ଶିବରାତ୍ରି ପାଳନ କରାଯାଇଛି। ଓଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଆଲବମ ଗାୟକ ଶକ୍ତି ମିଶ୍ର ଓ ତାଙ୍କ ଅର୍କେଷ୍ଟ୍ରା ଏଠାରେ ସୁମଧୁର ଓଡ଼ିଆ ଭଜନ ପରିବେଷଣ କରିଥିଲେ। ସେହିପରି ଗଡଦେଉଳିଆ ଓ କଳମାଠାରେ ମଧ ମହାଶିବରାତ୍ରି ମହାସମାରୋହରେ ପାଳିତ ହୋଇଛି। ଏହି ଦୁଇ ସ୍ଥାନରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ଦାରା ନାଟକ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।

# ନାବାର୍ଡ ପକ୍ଷରୁ କ୍ଷୁଦ୍ର ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦ୍‌ଯାପିତ



ଶିବିରରେ ଉପସ୍ଥିତ ଅତିଥି ଓ ପ୍ରଶିକ୍ଷାର୍ଥୀମାନେ।

**ଠାକୁରମୁଣ୍ଡା,୨୨।୨(ଡି.ଏନ.ଏ.)**

ନାବାର୍ଡ ପକ୍ଷରୁ ଠାକୁରମୁଣ୍ଡା ବ୍ଲକର ମିଟୁଆଣୀ ଓ ଖେଡିଆପଶି ଗ୍ରାମରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଟସର ସୂତାକଟା ପ୍ରଶିକ୍ଷଣ ଶନିବାର ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ନାବାର୍ଡର ମୟୁରଭଞ୍ଜ ଜିଲା ଏଜିଏମ ସ୍ମୃତି ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନେ ଆତ୍ମନିର୍ଭରଶୀଳ ହୋଇ ପାରିଲେ ଆମର ଉଦ୍ୟମ ସଫଳ ହେବ ବୋଲି କହିଥିଲେ । ଦୁଇଟି ଗ୍ରାମରେ ପର୍ଯ୍ୟାୟକ୍ରମେ ୧୫୦ ମହିଳା ତାଲିମ ନେଇ ସାରିଥିବା ବେଳେ ସରକାର ମେସିନ ଯୋଗାଇଦେବାପରେ କମ୍ପାନୀ ଗଢନ୍ତୁ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।

କେନ୍ଦ୍ରୀୟ ରେଶମ ବୋର୍ଡର ବୈଜ୍ଞାନିକ ଜୟନ୍ତ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ସରକାରଙ୍କ ଇଚ୍ଛା ଆପଣମାନେ ନିଜେ ତାଲିମ ଜ୍ଞାନ ବ୍ୟବହାର କରି ଉପଯୁକ୍ତ ରୋଜଗାରକ୍ଷମ ହୁଅନ୍ତୁ। ସେଥିପାଇଁ କେନ୍ଦ୍ରୀୟ ରେଶମ ବୋର୍ଡ ଆବଶ୍ୟକ ଜ୍ଞାନ କୌଶଳ ସର୍ବଦା ଯୋଗାଇଦେବ । ଆପଣମାନେ ଅଧିକ ରୋଜଗାରକ୍ଷମ ହେଲେ ଆମେ ଆନନ୍ଦିତ ହେବୁ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଟସର ସୋସାଇଟିର ସମ୍ପାଦକ ରମାକାନ୍ତ ପ୍ରଧାନ ଯୋଗ ଦେଇ ଠାକୁରମୁଣ୍ଡାରେ ଟସର ଉପଯୋଗର ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସଫଳ ହେଉଛି ବୋଲି କହିଥିଲେ । ମହିଳା ଚାଷୀଙ୍କ ସଂଖ୍ୟା ବଢିଛି ଏବଂ ଟସର ଯେତିକି ବାହାରକୁ ଯାଉଥିଲା ଏଠାରେ ମୂଲ୍ୟଯୁକ୍ତ ହୋଇ ପାରିବାରୁ ରୋଜଗାର ବୃଦ୍ଧିର ବାଟ ଫିଟିଲା ବୋଲି କହିଥିଲେ । କେନ୍ଦ୍ରୀୟ ରେଶମ ବୋର୍ଡରୁ ରବିନାରାୟଣ ମିଶ୍ର ଓ ପ୍ରଦୀପ ମିଶ୍ର ତାଲିମ ଦାତା ଭାବେ ଯୋଗ ଦେଇ ଉନ୍ନତ ଜ୍ଞାନ କୌଶଳ ହସ୍ତାନ୍ତର କରିଥିଲେ । ଯୋଗ ଦେଇ ବକ୍ତବ୍ୟ ସହକାରୀ ବୈଷୟିକ ଅଧିକାରୀ ରାଧାଶ୍ୟାମ ମିଶ୍ର ବକ୍ତବ୍ୟ ରଖିଥିବାବେଳେ ଆରଆରଡିଓର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଜେନା ଧନ୍ୟବାଦ ଦେଇଥିଲେ । ବୈଜ୍ଞାନିକ ଜୟନ୍ତ କୁମାର ଘୋଷଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ସଭାରେ ୬୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସଭା ପରିଚାଳନାରେ ନମିତା ରାଉତ, କୁନ୍ତୀ ମହାନ୍ତ, ପ୍ରଭାସିନୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ମାତୃଭାଷା ପ୍ରୀତି ପରିବାରରୁ ଆରମ୍ଭ ହେବା ଦରକାର

**ଅନ୍ତର୍ଜାତୀୟ ମାତୃଭାଷା ଦିବସ**



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ବାରିପଦା ଅଫିସ, ୨୨।୨**

ମୟୂରଭଞ୍ଜ ପୁସ୍ତକମେଳା ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉପସଭାପତି ଅଜିତ କୁମାର କବାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃଭାଷା ପ୍ରୀତି ପରିବାରରୁ ଆରମ୍ଭ ହେବା ଉଚିତ୍ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ବୃନ୍ଦାବନ ଦାଶ, କବି ଯତିନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଆଦୌ ଭାଷା ଜ୍ଞାନ ନ ଥାଇ ଏବେ ଅନେକ ଲେଖକ ବାହାରୁଛନ୍ତି। ସେଥିପାଇଁ ଏବେ ସାହିତ୍ୟରେ ବେଶୀ ବର୍ଣ୍ଣ ଅଶୁଦ୍ଧି ଓ ବ୍ୟାକରଣ ଜନିତ ତ୍ରୁଟି ପରିଲକ୍ଷିତ ହେଉଛି। ବ୍ୟଙ୍ଗ କବି ସମରେନ୍ଦ୍ର ବଶା ସ୍ୱାଗତ ଭାଷଣ ଦେବା ସହିତ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ହିମାଂଶୁ ଶେଖର ଦାସ, କୈବଲ୍ୟ ପ୍ରସାଦ ମହାପାତ୍ର, ବିଶେଶ୍ୱର ଦ୍ୱିବେଦୀ, ସୁଧାମୟୀ ଦାସ, ଡ. ବିଚିତ୍ରାନାଥ ସାହୁ, ସୁରୂପାନନ୍ଦ ବିଷୋୟୀ, ନରସିଂହ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଙ୍ଗଠନର ସମ୍ପାଦକ ମନୋଜ ଦଳ ବେହେରା ମାତୃଭାଷା ଓଡ଼ିଆର ବିକାଶ ଦିଗରେ ମୟୂରଭଞ୍ଜ ପୁସ୍ତକ ମେଳା ସଙ୍ଗଠନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡ଼ିଆ ଆମ ବଢ଼ିଆ ଶୀର୍ଷକ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା। ଯାହା କି ଛାତ୍ରୀଛାତ୍ର ତଥା ସାଧାରଣ ଲୋକଙ୍କ ମଧ୍ୟରେ ଭାଷାକୁ ସରଳ ଓ ବୋଧଗମ୍ୟ କରିବା ଦିଗରେ ବିଭିନ୍ନ କର୍ମଶାଳା ଆୟୋଜନ କରିବ ବୋଲି ସୂଚନା ଦିଆଯାଇଛି।

# ସୁଧୁରୁନି ପୌରାଞ୍ଚଳ ରାସ୍ତା

**ବାଲେଶ୍ୱର ଅଫିସ, ୨୨।୨**

**ଆନ୍ଦୋଳନ ଚେତାବନୀ**

ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରେ ମୁଖ୍ୟ ରାସ୍ତାଗୁଡ଼ିକର ଦୁରବସ୍ଥା ପାଇଁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ରାସ୍ତାଗୁଡ଼ିକର ମରାମତି ଏବଂ ନବୀକରଣ କରାଯିବା ପାଇଁ ଗୁରୁବାର ନଗର ଭାଜପା ପକ୍ଷରୁ ପୌରପାଳ ନିର୍ବାହୀ ଅଧିକାରୀ ଅମ୍ରିତ ସରକାରଙ୍କ ଜରିଆରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ୪୧ଟି ରାସ୍ତା କାର୍ଯ୍ୟର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାଦେଶ ବଣ୍ଟନ କରି କାର୍ଯ୍ୟ ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସହରରେ ବେହାଲ ହୋଇପଡ଼ିଥିବା ରାସ୍ତାଗୁଡ଼ିକୁ ମରାମତି ପାଇଁ ସଦର ବିଧାୟକ ମଦନମୋହନ ଦତ୍ତଙ୍କ ପ୍ରୟାସ କ୍ରମେ ବାରମ୍ବାର ସରକାରୀ ସମୀକ୍ଷା କରି ୨୦୧୯-୨୦ ଆର୍ଥିକ ବର୍ଷରେ ଉଭୟ କେନ୍ଦ୍ର ଓ ରାଜ୍ୟରୁ ଆସିଥିବା ଅର୍ଥରେ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳଙ୍କ ଦ୍ୱାରା ଟେଣ୍ଡର କାର୍ଯ୍ୟ ସମ୍ପାଦନ କରିଥିଲେ। ଗତ ଜାନୁୟାରୀ ୩ ତାରିଖରେ ପତ୍ର ସଂଖ୍ୟା ନଂ. ୩୦ରେ ୪୧ଟି ରାସ୍ତାର ମରାମତି ପାଇଁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ପୌରପାଳିକା ଦ୍ୱାରା ଆଗତ ହୋଇଥିଲା। ମାତ୍ର ଅଦ୍ୟାବଧି ଉକ୍ତ ଟେଣ୍ଡର ପାଇଁ କାର୍ଯ୍ୟାଦେଶ ବଣ୍ଟନ ନ କରି କର୍ତ୍ତୃପକ୍ଷ ବିଳମ୍ବ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଦେଶ ବଣ୍ଟନ କରିବା ସହ ତୁରନ୍ତ କାର୍ଯ୍ୟାରମ୍ଭ ପାଇଁ ଏକ ପ୍ରତିନିଧି ଦଳ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଭେଟି ସମସ୍ତ ଟେଣ୍ଡର ପେପର ଖୋଲି ଅବିଳମ୍ବେ କାର୍ଯ୍ୟାଦେଶ ଦିଆଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ ମ୍ୟୁନିସିପାଲିଟିର ରାସ୍ତାଘାଟ ନିର୍ମାଣ, ନାଳ ନର୍ଦ୍ଦମାର ମରାମତି, ସୁଇପରମାନଙ୍କର ସମସ୍ୟାର ସମାଧାନ, ଷ୍ଟ୍ରିଟଲାଇଟ୍‌ର ମରାମତି କରି ନିରବଚ୍ଛିନ୍ନ ଆଲୋକ ପ୍ରଦାନ, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ପୈଠ ବ୍ୟବସ୍ଥା, ଅନୁମୋଦିତ ହୋଇ ପଡ଼ିରହିଥିବା ମଧୁବାବୁ ଭତ୍ତା ତୁରନ୍ତ ପ୍ରଦାନ, ଭୂମିହୀନଙ୍କୁ ୪ ଡିସିମିଲ୍‌ରୁ କମ୍ ମିଳିଥିବା ଜାଗାକୁ ବୈଠକ କରି ପୁନର୍ବାର ଜମି ପ୍ରଦାନ କରାଯିବା ନେଇ ଆଲୋଚନା କରିଥିଲେ। ବିଧାୟକ ପ୍ରତିନିଧି ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଅନନ୍ତ ନାୟକ, ଯୋଗେନ ରଣା, ଦିପୁ ଗିରି, ଲୋକନାଥ ଭୂୟାଁ, ଉପେନ୍ଦ୍ର ଶତପଥୀ, ବିବେକ ମହାନ୍ତି, ତରୁଣ ବର୍ଦ୍ଧନ, ମନ୍ମଥ ପାତ୍ର, ଧୀରଜ ମହାନ୍ତି, କୌସିକ ଚାନ୍ଦ, ପଙ୍କଜ ମହାନ୍ତି, ମହୁଆ ପ୍ରଧାନ, ସଂଯୁକ୍ତା ମହାପାତ୍ର, ସସ୍ମିତା ଦାଶ, ଶ୍ରୀୟା ଦାସ, ଅରୁପ ଜେନା, ଦିଲୀପ ମାଝି, ଭାଗ୍ୟରଞ୍ଜନ ନାୟକ, ରାକେଶ ପାତ୍ରୀ, ସଞ୍ଜୀବ ପ୍ରଧାନ, ଭାସ୍କର ମାଝି ଓ ଶୋଭାକର ସାହୁ ପ୍ରମୁଖ ଆଲୋଚନାରେ ସାମିଲ ଥିଲେ। ଆଗାମୀ ୧୫ଦିନ ମଧ୍ୟରେ ଉକ୍ତ ଦାବିଗୁଡ଼ିକ ପୂରଣ ନ ହେଲେ ମ୍ୟୁନିସିପାଲିଟି ଅଫିସ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘେରାଉ କରାଯିବ ବୋଲି ଭାଜପା ନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ପଣ୍ଡା ଚେତାବନୀ ଦେଇଛନ୍ତି।


ନଗର ଭାଜପା ପକ୍ଷରୁ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ମନ ମୋହିଲା ଦୃଷ୍ଟିହୀନଙ୍କ ସଙ୍ଗୀତ


ସାଂସ୍କୃତିକ ସନ୍ଧ୍ୟାରେ ଭାଗ ନେଇଥିବା ଦୃଷ୍ଟିହୀନ କଳାକାରମାନେ।

**ଖଇରା, ୨୨।୨(ଡି.ଏନ.ଏ.)** ବାଲେଶ୍ୱର ଜିଲାର ଖଇରାସ୍ଥିତ ଦୁର୍ଗାମଣ୍ଡପରେ ମହାବୀର ଭକ୍ତିସାଗର ଦୃଷ୍ଟିହୀନ ଭଜନ ସନ୍ଧ୍ୟା ଗ୍ରୁପ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । କେବଳ କଣ୍ଠଦାନ କରୁଥିବା ବ୍ୟକ୍ତି ନୁହେଁ ବାଦ୍ୟଯନ୍ତ୍ର ଦାୟିତ୍ୱରେ ଥିବା ପ୍ରତ୍ୟେକ କଳାକାରଙ୍କ ନିଖୁଣ ଭଜନ ପରିବେଷଣ ଦର୍ଶକଙ୍କ ମନ ଛୁଇଁଥିଲା ।

# ସ୍ୱଚ୍ଛତା ସଚେତନତା, ଶ୍ରମଦାନ କାର୍ଯ୍ୟକ୍ରମ

**ବନ୍ତ,୨୨।୨(ଡି.ଏନ.ଏ.)**



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

ବନ୍ତ ବ୍ଲକ ନିମାପଡ଼ାସ୍ଥିତ କପାଳୀକ୍ଷେତ୍ର ଧବଳେଶ୍ୱର ମହାଦେବ ମନ୍ଦିରଠାରେ ଶନିବାର ଭଦ୍ରକ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ ସ୍ୱଚ୍ଛତା ସଚେତନତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ରପୁର ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ଦି ମିରାକଲ ସଙ୍ଗଠନ ସମ୍ପାଦକ ସୁବାସ ଚନ୍ଦ୍ର ବୈରିଗଞ୍ଜନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଡିଡବ୍ଲ୍ୟୁଡବ୍ଲ୍ୟୁସି ସମ୍ପାଦକ ଗୟାଧର ଜେନା, ସ୍ୱେଚ୍ଛାସେବୀ ବନମାଳି ବାରିକ, ରବୀନ୍ଦ୍ର ରାଉତ, ସୁରେଶ ବିଶ୍ୱାଳ, ଗଣନାଥ ବିଶ୍ୱାଳ, ସିଆର୍‌ପି ଲକ୍ଷ୍ମୀପ୍ରିୟା ମଲ୍ଲିକ, ଦମୟନ୍ତୀ ବେହେରା, ଜୟନ୍ତୀ ଆରୁକ, ପ୍ରମିଳା ମଲ୍ଲିକ, ମଞ୍ଜୁଲତା ଆରୁକ, ଅନ୍ନପୂର୍ଣ୍ଣା ପରିଡ଼ା, ସଞ୍ଜିତା ମାଝୀ, ସୁଷମା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ପରିବେଶକୁ ସ୍ୱଚ୍ଛ ରଖିବା ଲକ୍ଷ୍ୟରେ ଦୈନିକ ନିଜ ଗ୍ରାମ ଓ ପଞ୍ଚାୟତକୁ ସଫାସୁତରା ରଖିବାକୁ ପରାମର୍ଶ ଦିଆଯାଇଥିଲା। ଏଥିନେଇ ମହିଳାମାନେ ଶପଥ କରିବା ସହ କପାଳୀକ୍ଷେତ୍ରର ବିଭିନ୍ନ ସ୍ଥାନ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା, ପାଟଣା, ରାମଚନ୍ଦ୍ରପୁର, ସାହାଡାଗଡ଼ିଆ, ସାନବର୍ଚ୍ଚିକୟାଁ ଆଦି ଗ୍ରାମରୁ ୫୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

**ସଂକ୍ଷେପରେ**

## ବିଭିନ୍ନ ଶୈବପୀଠ ଭକ୍ତିମୟ

ଧାମନଗର/ଦୋବଲ, ୨୨।୨ (ଡି.ଏନ.ଏ.): ଧାମନଗର ବ୍ଲକରେ ଥିବା ବିଭିନ୍ନ ଶୈବପୀଠ ମହାଶିବରାତ୍ରିରେ ଚଳଚଞ୍ଚଳ ହୋଇଉଠିଥିଲା। ପୀଠଗୁଡ଼ିକ ଭକ୍ତିମୟ ହୋଇଥିଲା। ଦିନସାରା ଠାକୁରଙ୍କ ବିଭିନ୍ନ ବେଶ ଦର୍ଶନ କରି ସନ୍ଧ୍ୟାଠାରୁ ଭକ୍ତମାନେ ଦୀପ ଜାଳି ଜାଗର ପାଳନ କରିଥିଲେ। କରଦାସ୍ଥିତ ପ୍ରସିଦ୍ଧ କିଲାଟେଶ୍ୱର ମହାଦେବ ମନ୍ଦିରରେ ରାତି ୨ଟାରେ ମହାଦୀପ ମନ୍ଦିର ଚୂଡ଼ାରେ ସ୍ଥାପନ ହୋଇଥିଲା। ଆମ୍ବିଳିଗାଁରେ ଆମ୍ବିଳେଶ୍ୱର ମହାଦେବ ମନ୍ଦିରରେ ରୀତିନୀତି ଅନୁସାରେ ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା। ଦିହୁଡ଼ି ଆନନ୍ଦପୁରସ୍ଥିତ ହରିହର ମହାଦେବ ରାତି ୧ଟା, ବୈତରଣୀ ନଦୀକୂଳରେ ଥିବା ବୁଢ଼ା ମହାଦେବଙ୍କ ପାଖରେ ରାତି ୧୦ଟା, ଉଡେଇପୁର ଜାନକେଶ୍ୱର ମହାଦେବ ପୀଠରେ ରାତି ୧୦, ବନ୍ଧଟିଆ ରାମେଶ୍ୱର ମହାଦେବ, ହଟେଶ୍ୱର ମହାଦେବ, ଯୋଗେଶ୍ୱର, ଧର୍ମେଶ୍ୱର, ଗଡଗଡିଆ, ପଳିକିରିରେ ପଞ୍ଚମେଶ୍ୱର, ବାଲିପାଟଣାରେ ବାଲୁଙ୍କେଶ୍ୱର, ବାଘୁରାଇରେ ବଟେଶ୍ୱର, ଅର୍ଜୁନପୁରରେ ଅର୍ଜୁନେଶ୍ୱର, ଫଳପୁରରେ ଅରଳେଶ୍ୱର, ପାଟୁଳିର ଦର୍ପେଶ୍ୱର, ବାହାରବିଲରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଜାଗର ପାଳନ କରାଯାଇଥିଲା। ଅସୁରାଳି, ଚୁଡାକୁଟି, ଗୋବିନ୍ଦପୁର, ଭଞ୍ଜସାହି, କୋଠାର, ଶହୀଦନଗର, ଫତେପୁର, ଧୃଷ୍ଟୁରୀ, ସାହସପୁର, ପୋଖରିଆ, ପତ୍ରୀସାହି, ହସନାବାଦ, ପଙ୍ଗଟା, ନଦୀଗାଁ ଆଦି ସ୍ଥାନରେ ଥିବା ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିଲା। ରାତି ୧୦ଟା ପରଠାରୁ ନୀତି ନିର୍ଦ୍ଧାରଣ ହୋଇ ମହାଦୀପ ଉଠିଥିଲା। ଧାମନଗର ଓ ଧୃଷ୍ଟୁରୀ ଥାନା ପକ୍ଷରୁ ବିଭିନ୍ନ ଛକ, ଦୋଛକି ରାସ୍ତାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ଶ୍ରୀମା'ଙ୍କ ଜୟନ୍ତୀ

ଧାମନଗର,୨୨।୨(ଡି.ଏନ.ଏ.): ଧାମନଗର ବ୍ଲକ ଅସୁରାଳିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀମାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ମହେଶ୍ୱର ସାହୁଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀମାଙ୍କ ଭାବଧାରାକୁ ଅନୁକରଣ କରିବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା। ସମ୍ପାଦକ ପ୍ରବୀଣ କୁମାର ବେହେରା ମୁଖ୍ୟଅତିଥି, ରବୀନ୍ଦ୍ର ଦାସ, ମାଧବ ଖଟୁଆ, ଦୀପକ ବେହେରା, ସମୀର ଜେନା, ବଳରାମ ନାୟକ, ତିଲୋତ୍ତମା ସାହୁ, ମଧୁସ୍ମିତା ବାରିକ, କଳ୍ପନା ପଣ୍ଡା, ଶର୍ମିଳା ବେହେରା ଓ ସୁମିତ୍ରା ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ

ତିହିଡ଼ି, ୨୨।୨(ଡି.ଏନ.ଏ.): ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜରେ ଗତ ଜାନୁୟାରୀ ୨୦ରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ଏହି ଶିବିରରେ ୩୦୦ ଛାତ୍ରୀ ତାଲିମ ନେଇଥିଲେ। ଅଧକ୍ଷ ପ୍ରାଧାପକ ଡ. ଅଜିଜୁର ରହେମାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାଧାପକ ରବିନାରାୟଣ ଚୌଧୁରୀ, ମୁଖ୍ୟବକ୍ତା ଗ୍ରନ୍ଥକାର ଅଧାପକ ବିଶ୍ୱରଞ୍ଜନ ଦାସ ଓ ଅନ୍ୟତମ ଅତିଥି ଭାବେ ଅଧାପିକା ହୀରକଲତା ଦାଶ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା ଅବଲମ୍ବନ କରିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ସରୋଜ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଭାରପ୍ରାପ୍ତ ଅଧକ୍ଷ ଦୁର୍ଗାପ୍ରସାଦ ଦାସ, ଅଧାପକ ଅଜିତ୍ କୁମାର ଦାସ ଓ ସଂଯୋଜିକା ସ୍ୱପ୍ନାସରିତା ମହାପାତ୍ର ଶିବିର ପରିଦର୍ଶନ କରିଥିଲେ। ପ୍ରଶିକ୍ଷିକା ଭାବେ ହିମାସ୍ମୀ ସ୍ୱାଇଁ ଓ ଶାଶ୍ୱତୀ ନାୟକ ଛାତ୍ରୀମାନଙ୍କୁ ଦୃଢ଼ମନା ହୋଇ ସମସ୍ୟାର ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ। ଶିବିରର ବିଭିନ୍ନ ଦିବସରେ ଉତ୍ତମ କୌଶଳ ପ୍ରଦର୍ଶନ ପାଇଁ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ସହ-ସଂଯୋଜିକା ସ୍ୱପ୍ନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନାବେଶ ସହ ମହାଦୀପ ଦର୍ଶନ



ଆରଡ଼ିସ୍ଥିତ ଆଖଣ୍ଡଳମଣି ମନ୍ଦିର ଚୂଡ଼ାକୁ ଉଠୁଛି ମହାଦୀପ।

(ଦୀପ୍ତିରଞ୍ଜନ ନାୟକ)
ଆରଡ଼ି, ୨୨।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ ମହାଶିବରାତ୍ରିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଗହଳି ଲାଗିରହିଥିଲା। ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଭକ୍ତମାନେ ଆଧ୍ୟାତ୍ମିକ ଭାବନାରେ ବିଭୋର ହୋଇଥିଲେ। ଏକକାର ହୋଇଥିଲେ ଭକ୍ତ ଓ ଭଗବାନ। କେଉଁ ଭକ୍ତ ଦୀପ ଜାଳି ଭକ୍ତି ନୈବେଦ୍ୟ ଅର୍ପଣ କରୁଥିଲେ ତ ଆଉ କିଏ ଜଣାଣ ପଢ଼ି ଅଶ୍ରୁ ନିଗାଡୁଥିଲେ। ସେବାୟତ, ଭକ୍ତ ଓ ପ୍ରଶାସନ ସମସ୍ତେ ଯେପରି ଏହି ଉତ୍ସବକୁ ସଫଳ କରିବା ପାଇଁ ଲାଗିପଡ଼ିଥିଲେ। ପୀଠର ସୀମିତ ସ୍ଥାନରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ଓ ଶୃଙ୍ଖଳା ରକ୍ଷା କେବଳ ବାବାଙ୍କ ମହିମା ଯୋଗୁ ସମ୍ଭବ ବୋଲି ଚର୍ଚ୍ଚାର ବିଷୟ ପାଲଟିଥିଲା।

### ଅତିଥି ପାସ୍‌କୁ ନେଇ ସେବାୟତ କ୍ଷୁବ୍ଧ

ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ପୀଠରେ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା। ସମସ୍ତ ଭକ୍ତ ଲମ୍ବାଧାଡ଼ିରେ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଏହାବ୍ୟତୀତ କେତେଜଣ ଭକ୍ତଙ୍କୁ ଅତିଥି ପାସ୍, ସ୍ୱେଚ୍ଛାସେବୀ ପାସ୍, କର୍ମଚାରୀ ପାସ୍ ଓ ଖବରଦାତା ପାସ୍ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ପୂର୍ବବର୍ଷ ଅତିଥି ପାସ୍‌ରେ ଅନିୟମିତତା ହୋଇଥିବାରୁ ଚଳିତବର୍ଷ ଏହି ପାସ୍ ସଂଖ୍ୟା ସୀମିତ ରଖିବାକୁ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିଲା। କିନ୍ତୁ ଏଥିରେ ବ୍ୟତିକ୍ରମ ହୋଇଛି ଓ କେତେଜଣ ବ୍ୟକ୍ତି ଏହାକୁ କଲର ଜେରକ୍ସ କରିବା ସହ ବିକ୍ରି କରୁଥିବା ଅଭିଯୋଗ ଆଣି ସେବାୟତମାନେ କ୍ଷୁବ୍ଧ ହୋଇଥିଲେ। ଫଳରେ ମନ୍ଦିର ପ୍ରଶାସନ ପାସ୍ ପଛପଟେ ମନ୍ଦିର ସିଲ୍ ମାରିଥିଲେ ଓ ଯଦି ସିଲ୍ ମରାଯାଇ ନ ଥାଏ ତାହା ଅବୈଧ ବୋଲି ଘୋଷଣା କରାଯାଇଥିଲା।

### ମନ ମୋହିଲା ସୁନାବେଶ

ପୂର୍ବରୁ ବାବା ଆଖଣ୍ଡଳମଣି ରାହାସ ପୂର୍ଣ୍ଣିମା, ଶିବବିବାହ ଓ ମହାଶିବରାତ୍ରିରେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଥିଲେ। ହେଲେ ପୀଠରେ କେତେକ ସମୟରେ ପ୍ରଭୁଙ୍କ ଅଳଙ୍କାର ଚୋରି ପରେ କେବଳ ମହାଶିବରାତ୍ରିରେ ବାବାଙ୍କର ଏହି ସୁନାବେଶ ଦେଖିବାକୁ ମିଳୁଛି। ଚଳିତବର୍ଷ ପ୍ରଭୁଙ୍କୁ ରାତି ସାଢ଼େ ଗୋଟାଏରେ ସୁନାବେଶରେ ସଜ୍ଜିତ କରାଯାଇଥିଲା। ସୁନାର ଚକ୍ଷୁ, ନାସିକା, ଅଧର, କର୍ଣ୍ଣ, ମୁକୁଟ, କଣ୍ଠିହାର ପ୍ରଭୁଙ୍କ ଶରୀରରେ ଖଚିତ କରାଯାଇଥିଲା। ରାତି ସାଢ଼େ ୩ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଏହି ବେଶ ଦେଖିବାକୁ ସୁଯୋଗ ଦିଆଯାଇଥିଲା। ସାଢ଼େ ୩ଟାରୁ ସାଢ଼େ ୪ଟା ମଧ୍ୟରେ ସେବାୟତଙ୍କ ପରିବାର ବାବାଙ୍କର ଏହି ବେଶ ଦର୍ଶନ କରିଥିଲେ।

### ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ନୀତିକାନ୍ତି ସମ୍ପନ୍ନ

ସେବାୟତମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ବାବାଙ୍କର ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ସେଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଶିବରାତ୍ରିରେ ସେବାୟତଙ୍କ ପରିବାର ସମସ୍ତ ସଦସ୍ୟ ଉପବାସ ରହିଥାନ୍ତି। ପ୍ରଥମେ ସୁନାବେଶ ଦର୍ଶନ ଓ ପରେ ମହାଦୀପ ଦେଖି ସେମାନେ ଜାଗର ବ୍ରତ ଭାଙ୍ଗିଥିଲେ।

### ଚଣା ଦୋକାନରେ ଭିଡ଼

ବର୍ଷରେ ଥରେ ଆରଡ଼ିରେ ଚଣା ବିକ୍ରୟ ହୋଇଥାଏ। କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତି ପ୍ରତିବର୍ଷ ଏହି ଚଣା ନେଇ ଆରଡ଼ି ଆସନ୍ତି। ଭକ୍ତମାନେ ମହାଦୀପ ଦେଖି ଗୃହକୁ ବାହୁଡ଼ିଲା ବେଳେ ଚଣା ସାଥିରେ ନେଇଥାନ୍ତି। ଚଣା ସହ ଉଖୁଡ଼ା ମଧ୍ୟ ସେମାନେ ବିକ୍ରି କରିଥାନ୍ତି। ଚଳିତବର୍ଷ ଚଣା କେଜି ପ୍ରତି ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

### ମାନଭଞ୍ଜନ କଲେ ସେବାୟତ ଓ ମନ୍ଦିର କର୍ମକର୍ତ୍ତା

ମହାଦୀପ ପ୍ରସ୍ତୁତି ପୂର୍ବରୁ ସେବାୟତମାନେ



ସୁନାବେଶରେ ଦର୍ଶନ ଦେଉଛନ୍ତି ବାବା ଆଖଣ୍ଡଳମଣି।

ପୁରୁଷାନୁକ୍ରମେ ମହାଦୀପ ଉଠାଉଥିବା ସେବାୟତଙ୍କ ଘରକୁ ଯାଇଥିଲେ। ସେବାୟତ ଅମର ପାଢ଼ୀ ଅଭିମାନ କରିଥିଲେ। ସେବାୟତ, ମନ୍ଦିର କର୍ମକର୍ତ୍ତା ତାଙ୍କର ମାନ ଭଞ୍ଜନ କରି ମହାଦୀପ ଉଠାଇବାକୁ ରାଜି କରାଇଥିଲେ। ବିଧି ଅନୁସାରେ ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାକୁ ଭୋର ୪ଟା ୩୦ରେ ମହାଦୀପ ଉଠିଥିଲା। ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ପୀଠ ପୂରି ଉଠିଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଦର୍ଶନ କରି ବ୍ରତ ଭାଙ୍ଗିଥିଲେ। ଏଥିସହିତ ପୁଣି ପ୍ରଭୁଙ୍କୁ ଦର୍ଶନ କରି ପୀଠ ତ୍ୟାଗ କରିଥିଲେ।

## କ୍ଷେତ୍ର ପରିଦର୍ଶନ କଲେ ପ୍ରକଳ୍ପ ଆଞ୍ଚଳିକ ମୁଖ୍ୟ

ଭଦ୍ରକ ଅଫିସ,୨୨।୨

ଭଦ୍ରକ ସଂସଦୀୟ କ୍ଷେତ୍ର ଦେଇ ଯାଇଥିବା ଜାତୀୟ ରାଜପଥର ୬ ଟିକିଆ ଲେନ୍ ନିର୍ମାଣ ବେଳେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିଭିନ୍ନ ଦାବି ହୋଇଆସୁଥିଲା। କ୍ଷେତ୍ରୀୟ ପରିଦର୍ଶନ ଲାଗି ଭଦ୍ରକ ଜିଲାର ସୀମାନ୍ତ ଆଖୁଆପଦାରୁ ସଂସଦୀୟ କ୍ଷେତ୍ରର ସୀମା ବାହାନଗା ଯାଏ ଗସ୍ତ କରିଛନ୍ତି ରାଜପଥ ନିର୍ମାଣ ପ୍ରକଳ୍ପର ଆଞ୍ଚଳିକ ମୁଖ୍ୟ ରାମପ୍ରସାଦ ପଣ୍ଡା। ଏମ୍‌ପି, ବିଧାୟକ, ପ୍ରଶାସନିକ ଅଧିକାରୀ, ଭାଜପା ଓ କଂଗ୍ରେସ ନେତାଙ୍କ ସମେତ ବହୁସଂଖ୍ୟାରେ ଜନସାଧାରଣ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ନିଜର ଦାବି ଉପସ୍ଥାପନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜାତୀୟ ରାଜପଥର ଛତାବର, ବାରିକପୁର, ଆରଡ଼ିଛକ, ରାଣୀତାଲ, ମାର୍କୋଣା, ସୋର କଲେଜ ଛକ, ବାଗୁଡ଼ି ଛକ ଓ ବାହାନଗାଠାରେ ଯାତ୍ରୀ ଗଳାପୋଲକୁ ସମ୍ପ୍ରସାରଣ କରାଯାଇ ଭେଇକୁଲାର ଅଣ୍ଡରପାସ/ ଯାନବାହାନ ଚଳାଚଳ କରିବା ପୋଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ସେହିଭଳି ଚରମ୍ପା ଓ ସୋର ବଜାରରେ ଦୁଇଟି ଫ୍ଲାଏଓଭର ନିର୍ମାଣ ହେବ। ରାଣୀତାଲ ହାଇସ୍କୁଲ ଛକ, ରାଣୀତାଲ ବଜାର ଓ ଭଣ୍ଡାରିପୋଖରୀ ବଜାରରେ ଗଳାପୋଲ ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ରଖାଯାଇଛି। ଏହିସବୁ ପ୍ରସ୍ତାବକୁ ଚୂଡ଼ାନ୍ତ ରୂପରେଖ ଦିଆଯାଇ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରକଳ୍ପ ଆଞ୍ଚଳିକ ମୁଖ୍ୟ ପଣ୍ଡା ସୂଚନା ଦେଇଛନ୍ତି।

ଏହି ପରିଦର୍ଶନ ସମୟରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ପର୍ଶୁରାମ ଧଡ଼ା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ସମେତ ବାଲେଶ୍ୱର ଜିଲା ପ୍ରଶାସନର ପଦାଧିକାରୀ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ନରେନ ପଲେଇ ମଧ୍ୟ ଆଞ୍ଚଳିକ ମୁଖ୍ୟଙ୍କୁ ଭେଟି ଦାବି ଜଣାଇଛନ୍ତି। ଭାଜପା ନେତା ବଦ୍ରିନାରାୟଣ ଧଳ ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ଦେଇ ଯାଉଥିବା ରାଜପଥ ନିର୍ମାଣ ସମ୍ପର୍କରେ ଆଞ୍ଚଳିକ ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି।

## ଯୁବତୀଙ୍କ ଆତ୍ମହତ୍ୟା

ତିହିଡ଼ି, ୨୨।୨ (ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମଙ୍ଗଳପୁର ଗ୍ରାମର ଜଣେ ଯୁବତୀ ଶୁକ୍ରବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତା ଯୁବତୀଙ୍କ ନାଁ ମାମା ବାରିକ। ସେ ବିଷ ପିଇ ଗୁରୁତର ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## 'ଫକୀରମୋହନ ଥିଲେ ଜାତୀୟ ଅସ୍ମିତାର ପ୍ରତୀକ'

ଭଦ୍ରକ ଅଫିସ, ୨୨।୨

ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ 'କାଳଜୟୀ ଫକୀର ମୋହନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅଧକ୍ଷ ପ୍ରଫେସର ତୀର୍ଥବାସୀ ଦାସ ଉଦ୍‌ଘାଟନ କରିଥିଲେ। ବିଷୟ ବିଶାରଦ ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ.ଜୟନ୍ତ କୁମାର ଦାସ ଏବଂ ବିଏନ୍‌ଏମ୍‌ଏ ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ ଫକୀର ମୋହନଙ୍କ ସାହିତ୍ୟର କ୍ଲାସିକ୍ ଲକ୍ଷଣ ଓ ଯୁଗାନ୍ତର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଫକୀର ମୋହନ ଜାତୀୟ ଅସ୍ମିତାର ପ୍ରତୀକ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ଅଧ୍ୟାପିକା ଅନିତାରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମଧୁବ୍ରତା ମଲ୍ଲିକ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଅଧ୍ୟାପକ ମନୋଜ ସ୍ୱାଇଁ, ଅଧ୍ୟାପିକା କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ମାନସୀ ସାହୁ, ସ୍ୱାତୀ ନାୟକ, ପ୍ରିୟଦର୍ଶିନୀ ସାହୁ, ଗୀତାଞ୍ଜଳି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପିକା ପ୍ରମିଳା ଜେନା ଧନ୍ୟବାଦ ଦେଇଥିଲେ।

## କଂଗ୍ରେସ ଶୃଙ୍ଖଳା କମିଟିର ଭଦ୍ରକ ଗସ୍ତ



ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶୃଙ୍ଖଳା ଟିମ୍।

ଭଦ୍ରକ ଅଫିସ, ୨୨।୨

କଂଗ୍ରେସର ୩ ଜଣିଆ ଶୃଙ୍ଖଳା କମିଟି ଶନିବାର ମଧ୍ୟାହ୍ନରେ ଭଦ୍ରକ ଗସ୍ତ କରି ଗତ ୧୯ ତାରିଖରେ ଦଳର ଦୁଇଗୋଷ୍ଠୀ ବିବାଦ ଘଟଣାର ତଦନ୍ତ କରି ଫେରିଛି। କେଉଁ କାରଣରୁ ପିସିସି ମୁଖ୍ୟଙ୍କ ଗସ୍ତର କେଇ ଘଣ୍ଟା

### ଦୁଇ ଗୋଷ୍ଠୀ ବିବାଦ ଘଟଣା

ପୂର୍ବରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ ଏହି ଟିମ୍ ତାହାର ତଦନ୍ତ କରିଛି। ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଶ୍ୱ ଦାସ ଓ ବଟକୃଷ୍ଣ ତ୍ରିପାଠୀ କମିଟିରେ ସାମିଲ ଥିଲେ। କଂଗ୍ରେସର ଜିଲା ସଭାପତି ଅଶୋକ କୁମାର ଦାସ, କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତିଙ୍କ ଉପସ୍ଥିତିରେ ଦୁଇ ଗୋଷ୍ଠୀଙ୍କୁ ଡକାଇ ଟିମ୍ ପଚରାଉଚରା କରିଥିଲା। ଶେଷରେ ଦୁଇ ଆକ୍ରମଣକାରୀଙ୍କ ମଧ୍ୟରେ ଟଙ୍କା ନେବାଦେବାକୁ ନେଇ ବିବାଦ ହୋଇଥିଲା ବୋଲି କାର୍ଯ୍ୟକାରୀ ସଭାପତି ମହାନ୍ତି ପ୍ରକାଶ କରିଛନ୍ତି।

## ଶିଶୁମନ୍ଦିର ବାର୍ଷିକ ଉତ୍ସବ

ପଦ୍ମପୁର,୨୨।୨(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିରସଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ପ୍ରଣବ କୁମାର ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ଶରତ କୁମାର ଓଝା, ନାୟକାଣିଡିହୀ ଥାନା ଏସ୍‌ଆଇ ନିରୋଦ କୁମାର ମଲ୍ଲିକ ଓ ସଂଯୋଜକ ସୁଦର୍ଶନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟିକ ଅଚ୍ୟୁତାନନ୍ଦ ପାଢ଼ୀ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ବଳରାମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଜଗବନ୍ଧୁ ନାୟକ ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷାଭିତ୍ତିକ ସଚେତନତା ସଭା




ସଭାରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ, ୨୨।୨(ଡି.ଏନ.ଏ)

ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତ ଚନ୍ଦ୍ରପୁରସ୍ଥିତ ଜୟ ଯବାନ ଜୟ କିଷାନ ଯୁବକ ସଂଘ ଆନୁକୂଲ୍ୟରେ ଶିକ୍ଷାଭିତ୍ତିକ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଜଳମଣ୍ଡୁଆ ସରପଞ୍ଚ ଜଗବନ୍ଧୁ ଦାସ, ଅନ୍ୟତମ ଅତିଥି ଭାବେ ଶିକ୍ଷକ ସୂର୍ଯ୍ୟମଣି ରାଉତ, ବଳରାମ ରାଉତ, ନୟନମଣି ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚକ୍ରଧର ପାତ୍ର ଓ ପ୍ରଶାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷା ଉପରେ ଆଲୋଚନା ହୋଇଥିଲା।

## ନାରାୟଣ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ତିହିଡ଼ି,୨୨।୨(ଡି.ଏନ.ଏ.)

ତିହିଡ଼ି ବ୍ଲକ କୋହ୍ଲସ୍ଥିତ ନାରାୟଣ ସ୍ମୃତି ସାହିତ୍ୟ ସଂସଦର ୮ମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟସ୍ତରୀୟ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠ ଉତ୍ସବକୁ ନାଟ୍ୟକାର ପଦ୍ମଲୋଚନ ମହାକୁଡ଼ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ବିପ୍ଳବ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ସଂଯୁକ୍ତା ଭାରତୀ, ବିଶ୍ୱମୈତ୍ରୀ ନାୟକ ଓ ବିଜୟ ବାରିକ ସଂଯୋଜନା କରିଥିଲେ। ଅନ୍ୟତମ ଅତିଥି ଭାବେ ଗୀତିକାର ପଞ୍ଚାନନ ନାୟକ ଓ ମଥୁରାମୋହନ ବେହେରା ଯୋଗ ଦେଇଥିଲେ। କବି ଆଶୁତୋଷ କରଣ ସ୍ୱାଗତ ଭାଷଣ ଓ କବି ଅମୂଲ୍ୟ ସେନାପତି ଧନ୍ୟବାଦ ଦେଇଥିଲେ। ୨ୟ ଅଧିବେଶନରେ ପୌରୋହିତ୍ୟ କରିଥିଲେ ସଂସଦର ସଭାପତି ଗାଳ୍ପିକ ଉମାକାନ୍ତ ମିଶ୍ର। ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡ. ବିଜୟ ଶତପଥୀ ଯୋଗଦେଇ ଭାରତୀୟ ନାଟକ ପୃଥିବୀରେ ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଡ. ଅଭୟ ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଓ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସାମ୍ପ୍ରତିକ'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସମ୍ପାଦକ ବିଭୂତି ଭୂଷଣ ସେନାପତି ବିବରଣୀ ପାଠ କରିଥିଲେ। ଡ. ଶତପଥୀଙ୍କୁ ଗିରୀଶ କର୍ନାଡ଼ ନାଟ୍ୟ ସମ୍ମାନ, ପ୍ରକାଶ କୁମାର ମହାନ୍ତିଙ୍କୁ ଅପର୍ଣ୍ଣା ସ୍ମୃତି ସମ୍ମାନ ଓ ବିଷ୍ଣୁ ଦଳେଇଙ୍କୁ ବିଦ୍ୟାଧର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କବି ନୀଳମାଧବ ସେନାପତି ଅତିଥି ପରିଚୟ ଏବଂ କବି ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ହାର ମାନିନାହାନ୍ତି ଦିବ୍ୟାଙ୍ଗ ଦମ୍ପତି

ବନ୍ତ,୨୨।୨(ସ୍ୱ.ପ୍ର.)

ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ ଦିବ୍ୟାଙ୍ଗ। ସ୍ୱାମୀ ପୋଲିଓ ଆକ୍ରାନ୍ତ ହୋଇ ଚାଲିବାକୁ ଅକ୍ଷମ ହୋଇଥିବାବେଳେ ସ୍ତ୍ରୀଙ୍କ ପିଠିରେ ଏକ ବଡ଼ କୁବ୍ଜ ବାହାରି ଥିବାରୁ ସିଧାହୋଇ ଚାଲି ପାରୁନାହାନ୍ତି। ତଥାପି ସେମାନେ ଅନ୍ୟ ଉପରେ ନିର୍ଭର ନ କରି ନିଜେ ପରିଶ୍ରମ କରି ନିଜ ପରିବାର ଚଳାଉଛନ୍ତି। ସୁସ୍ଥ ସବଳ ଯୁବକମାନେ ବେକାର ହୋଇ ଅନ୍ୟ ଉପରେ ନିର୍ଭର କରୁଥିବା ବେଳେ ଭୂମିହୀନ ହୋଇ ବି ଅନ୍ୟ ଜମିରେ ଭାଗଚାଷ କରି ପେଟ ପୋଷୁଛନ୍ତି। ଜୀବନ ଯୁଦ୍ଧରେ ହାର ମାନିନାହାନ୍ତି ଏହି ଦିବ୍ୟାଙ୍ଗ ଦମ୍ପତି। ଅନ୍ୟ ପାଇଁ ଉଦାହରଣ ସାଜିଥିବା ଏହି ଦମ୍ପତି ହେଉଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ନିମଗଡିଆ ଗ୍ରାମର ଅଭିମନ୍ୟୁ ଜେନା(୩୨) ଓ ସବିତା ଜେନା।

ଏହି ଗ୍ରାମର ସ୍ୱର୍ଗତ କହ୍ନେଇ ଜେନାଙ୍କ ସାନପୁଅ ଅଭିମନ୍ୟୁ କହନ୍ତି, ତାଙ୍କୁ ୧୬ବର୍ଷ ହୋଇଥିବା ବେଳେ ସେ ପୋଲିଓ ରୋଗରେ ଆକ୍ରାନ୍ତ ହୋଇଥିଲେ। ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ଚିକିତ୍ସା ହୋଇପାରି ନ ଥିଲେ। ପୋଲିଓ ଆକ୍ରାନ୍ତ ଦୁଇଗୋଡ଼ କ୍ରମଶଃ ସରୁ ହୋଇଯାଇ ଅକାମୀ ହୋଇଗଲା। ଫଳରେ ସେ ଚାଲିବାକୁ ଅକ୍ଷମ ହୋଇଗଲେ। ଦୁଇ ହାତକୁ ଭୂମି ଉପରେ ଆଶ୍ରା କରି ବହୁକଷ୍ଟରେ ଘୁଷୁରି ଘୁଷୁରି ଚଳପ୍ରଚଳ କରୁଛନ୍ତି। ତାଙ୍କ ସ୍ତ୍ରୀ ସବିତାଙ୍କ ପିଠିରେ କୁବ୍ଜ ବାହାରିଥିବାରୁ ସେ ମଧ୍ୟ ଠିକ୍ ଭାବେ ଅଣ୍ଟା ସଳଖି ଚାଲିପାରୁ ନାହାନ୍ତି। ଏପରି ସ୍ଥଳେ ତାଙ୍କର ୨ ପୁଅକୁ ମିଶାଇ ୪ ଜଣଙ୍କ ପେଟ ପୋଷିବାକୁ ସେ ଓ ସବିତା ସଂଘର୍ଷ ଜାରି ରଖିଛନ୍ତି। ଗାଁର ଅନ୍ୟ ଚାଷୀଙ୍କଠାରୁ ୧ ଏକରରୁ ଊର୍ଦ୍ଧ୍ୱ ଜମି ଭାଗ ଚାଷରେ ଆଣି ଖରିଫରେ ଧାନ ଚାଷ କରିଥିବାବେଳେ ରବିଋତୁରେ ପନିପରିବା ଓ ମୁଗ, ବିରି ଚାଷ ମଧ୍ୟ କରିଛନ୍ତି। ସେ ନିଜେ ପରିବା ବାଡ଼ିରେ ଦିନସାରା କାମ କରୁଥିବାବେଳେ ଆବଶ୍ୟକ ବେଳେ ମଜୁରି ଲଗାଇ କାମ ଉଠାଉଛନ୍ତି। ସ୍ତ୍ରୀ ସବିତା ମଧ୍ୟ କାମରେ ସହାୟତା କରନ୍ତି। ସେଥିରେ ନିଜେ ଚଳିବା ସହିତ ପିଲା ୨ ଜଣଙ୍କୁ ପାଠ ପଢାଉଛନ୍ତି। ଦିବ୍ୟାଙ୍ଗ ଭତ୍ତା ଆଉ ରାଶନ କାର୍ଡରେ ମିଳୁଥିବା ସହାୟତା ତାଙ୍କର ସମ୍ବଳ। ତାଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଟ୍ରାଇସାଇକେଲ ମିଳିଛି। ସରକାରଙ୍କ ପକ୍ଷରୁ କୌଣସି ସୂତ୍ରରୁ ଆର୍ଥିକ ସହାୟତା ଯୋଗାଇ ଦିଆଗଲେ ଅଧିକ ଜମି ଚାଷ କରି ଅଧିକ ରୋଜଗାର ହୋଇପାରନ୍ତା ବୋଲି ଅଭିମନ୍ୟୁ ଆଶାବ୍ୟକ୍ତ କରିଛନ୍ତି।




ପରିବା ବାଡ଼ିରେ କାମ କରୁଛନ୍ତି ଅଭିମନ୍ୟୁ ଓ ସବିତା।

# ଜବରଦଖଲରେ ସ୍ୱାସ୍ଥ୍ୟ ବିଭାଗ ଜମି

**ବାଲେଶ୍ୱର ଅଫିସ, ୨୨।୨**

ବାଲେଶ୍ୱର ସଦର ବ୍ଲକ ଗୁଡୁ ପଞ୍ଚାୟତ ଅଧୀନ ଗୁଡୁ ମୌଜାରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଥିବା ୧ ଏକର ଜମିକୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ଜବରଦଖଲ କରି ରଖିଛନ୍ତି। ଉକ୍ତ ଜମିକୁ ମୁକ୍ତ କରି ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବା ପାଇଁ ସ୍ଥାନୀୟ ସରପଞ୍ଚ ଲମ୍ବୋଧର ପ୍ରଧାନ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୯ ଫେବୃୟାରୀ ୨୧ ତାରିଖରେ ବିଭାଗୀୟ ଅଧିକାରୀଙ୍କ ସମେତ ସ୍ଥାନୀୟ ଆର୍‌ଆଇ ଉକ୍ତ ଜମିରେ ପହଞ୍ଚି ଜମିକୁ ଚିହ୍ନଟ କରିଥିଲେ ମଧ୍ୟ ଅଦ୍ୟାବଧି ଉଚ୍ଛେଦ ପ୍ରକ୍ରିୟା ହୋଇ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି।

ଉକ୍ତ ଜମିକୁ ଜବରଦଖଲ କରାଯାଇ ସେଠାରେ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ବସାଯାଇ ଏକ ଆଜବେଷ୍ଟସ୍ ଘର ଓ ସେଲୋ ନିର୍ମାଣ କରାଯାଇଛି। ଏହାସହ ପୋଖରୀ ଖୋଳି ମାଛ ଚାଷ ଏବଂ ବିଭିନ୍ନ ପ୍ରକାର ଫୁଲ ଓ ପନିପରିବା ଚାଷ କରାଯାଉଛି। ଉଦ୍ୟାନ ବିଭାଗର ବହୁ ଯୋଜନା ମାଧ୍ୟମରେ ଫୁଲ ଚାଷ କରି ଲକ୍ଷାଧିକ ଟଙ୍କା ସବ୍‌ସିଡ଼ି ହାତେଇ ନିଆଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଜମିରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଉଦ୍ଦେଶ୍ୟରେ ଏକ ପାଚେରି ନିର୍ମାଣ ଲାଗି ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ୧ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ପାଚେରି ନିର୍ମାଣ ଶେଷ ହୋଇଛି। ଅଭିଯୋଗ ପାଇବା ପରେ ତତ୍କାଳୀନ ସଦର ତହସିଲଦାରଙ୍କ ନିର୍ଦ୍ଦେଶରେ ଚାନ୍ଦିପୁର ଆର୍‌ଆଇ ପ୍ରଭାକର ପତି, ଅମିନ ଜ୍ୟୋତିର୍ମୟୀ ଦାସ ଓ ପ୍ରଦୀପ କୁମାର ଦେ, ଚାନ୍ଦିପୁର ଥାନା ହାବିଲଦାର ରମାକାନ୍ତ ଦାସ ଏବଂ ଏନ୍‌ଆର୍‌ଏଚ୍‌ଏମ୍ ଜେଇଙ୍କ ଉପସ୍ଥିତିରେ ୨୦୧୯ ଫେବୃୟାରୀ ୨ ତାରିଖରେ ଉକ୍ତ ପ୍ଲଟକୁ ଚିହ୍ନଟ କରାଯାଇଥିଲା। ହେଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସରପଞ୍ଚ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୁଡୁ ପଞ୍ଚାୟତରେ ବିଭାଗର ୧ ଏକର ଜମିକୁ ସ୍ଥାନୀୟ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେଠାରେ ବେଆଇନ ଭାବେ ଚାଷବାସ କରିବା ସହ ରୋଜଗାର ଜାରି ରଖିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ ଜମିକୁ ଚିହ୍ନଟ କରାଯାଇଛି ଏବଂ ଉଚ୍ଛେଦ ପାଇଁ ସଦର ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି।

# ସଂକ୍ଷେପରେ

## ବିଡିଓଙ୍କୁ ଭେଟିଲେ ଆବାସ ମିତ୍ର କର୍ମଚାରୀ

**ଖଇରା, ୨୨।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକରେ କାର୍ଯ୍ୟରତ ଆବାସମିତ୍ର କର୍ମଚାରୀମାନେ ବୁଧବାର ନୂତନ ଭାବେ ଯୋଗ ଦେଇଥିବା ଖଇରା ବ୍ଲକ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ଭେଟିଛନ୍ତି। ପ୍ରଥମେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପରେ ସେମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷକରି ଅଟକାଇ ରଖାଯାଇଥିବା ପାଉଣାକୁ ତୁରନ୍ତ ପ୍ରଦାନ କରିବାକୁ ସେମାନେ ଅନୁରୋଧ କରିଥିଲେ। ମାଖନପୁରର ଆବାସ ମିତ୍ର କିଶୋର କୁମାର ବେହେରା, କୁରୁଣ୍ଟାର ତପୋଧନ ବାରିକ, ଦେବାଶିଷ ମହାନ୍ତି, ଭକ୍ତହରି ସାହୁ, ଲମ୍ବୋଦର ବେହେରା, ଜ୍ୟୋତିପ୍ରକାଶ କର, ପ୍ରଫୁଲ୍ଲ ସେଠୀ, ରେଖାରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାତୃଭାଷା ହିଁ ଜାତିର ପରିଚୟ

**ରୂପସା, ୨୨।୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମାଝି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ବରିଷ୍ଠ ଅଧ୍ୟାପକ ବିଜୟ କୁମାର ମହାପାତ୍ର, ମୁଖ୍ୟବକ୍ତା ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଓ ସମ୍ମାନନୀୟ ଅତିଥି ଅଧ୍ୟାପକ ନଳିନୀକାନ୍ତ ପାଢ଼ୀ ଯୋଗଦେଇ ମାତୃଭାଷାର ଉନ୍ନତିରେ ଜାତି ସମୃଦ୍ଧ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପ୍ରୋଗ୍ରାମ ଅଫିସର ମାନସ କୁମାର ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଚାତ୍ର ନିବନ୍ଧ ପାଠ କରିଥିଲେ। ଅଧ୍ୟାପକ ସପନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ପ୍ରଣତି ବେହେରା, ଅଧ୍ୟାପକ ଉମାଶଙ୍କର ପାଣି ଓ ପୂର୍ଣ୍ଣଚନ୍ଦ୍ର ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ

**ବାଲିଆପାଳ, ୨୨।୨(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଦାନ୍ତୁଣିଦା ଲୋକନାଥେଶ୍ୱର ପୀଠରେ ଶନିବାର ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏଥିପାଇଁ ଭକ୍ତମାନଙ୍କ ସମାବେଶ ହୋଇଥିଲା। ମଧ୍ୟାହ୍ନରେ ସମୂହ ଭୋଜନ ହୋଇଥିଲା। ଗାଁ କମିଟି ସଭାପତି ରାମଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ନାୟକ ଏହାକୁ ପରିଚାଳନା କରିଥିଲେ। ସେହିପରି ଚଡ଼ ରାଉତୁରାପୁରଠାରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଅଶୋକ କୁମାର ରାଉତ ଓ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

## ରାମଚରିତ ମାନସ, ବିଶ୍ୱଶାନ୍ତି ମହାଯଜ୍ଞ

**ଖଇରା, ୨୨।୨(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗୁରୁବାରରୁ ଶନିବାର ୩ଦିନ ଧରି ରାମଚରିତ ମାନସର ଅଖଣ୍ଡ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଦିବାକର ରାଉଳ ଓ ଚଞ୍ଚଳା ରାଉଳଙ୍କ ନେତୃତ୍ୱରେ ୨୭ କଳସ ସ୍ଥାନୀୟ ମହାଦେବ ପୋଖରୀରୁ ଅଣାଯାଇଥିଲା। ଦିବସ ବ୍ୟାପୀ ପୁରୀରୁ ଆସିଥିବା ଆଚାର୍ଯ୍ୟ ଓ ସାଧୁସନ୍ଥମାନେ ଅଖଣ୍ଡ ପାରାୟଣ ବୋଲି ଲୋକଙ୍କୁ ବୁଝାଇଥିଲେ। ସେହିଭଳି ଶୁକ୍ରବାର ପ୍ରଭାସ ଚନ୍ଦ୍ର ଦାଶ, ଶିବା ଦାଶ, ଅଭିମନ୍ୟୁ ମହାପାତ୍ର, ଉପେନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପୂର୍ଣ୍ଣ ହୋଇଥିଲା। ମନ୍ଦିର ପୂଜକ ରମେଶ ପଣ୍ଡା ଦିଅଁମାନଙ୍କର ପୂଜାର୍ଚ୍ଚନା କରିଥିଲେ। କମିଟିର କର୍ମକର୍ତ୍ତା ମୋହନସୁନ୍ଦର ସାହୁ, ଦାମୋଦର ବେହେରା, କରୁଣାକର ମହାନ୍ତି, ସନ୍ତୋଷ ରାଉଳ, ଶ୍ରୀଧର ମହାନ୍ତି ପ୍ରମୁଖ ଯଜ୍ଞ କର୍ମ ପରିଚାଳନାରେ ସହଯୋଗ କରିଥିଲେ।

## ଖଜୁରେଶ୍ୱର ପୀଠରେ ମହାଶିବରାତ୍ରି

**ରେମୁଣା, ୨୨।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶେରଗଡ଼ ପଞ୍ଚାୟତର ଖଜୁରେଶ୍ୱର ଶୈବପୀଠ ମହାଶିବରାତ୍ରି ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁ ଜଳାଭିଷେକ କରିଥିଲେ। ବିଭିନ୍ନ କୋଣ ଅନୁକୋଣରୁ ଭକ୍ତଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରକାର ଦୋକାନବଜାର ବସିବା ସହ ପୀଠସ୍ଥଳୀ ଜନଗହଳିପୂର୍ଣ୍ଣ ହୋଇଥିଲା। ଦିନ ତମାମ୍ ଭଜନକୀର୍ତ୍ତନରେ ଖଜୁରେଶ୍ୱର ଶୈବପୀଠ ପ୍ରକମ୍ପିତ ହୋଇଥିଲା।

# ଅବସରପ୍ରାପ୍ତ କର୍ମଚାରୀ ମଞ୍ଚର ବୈଠକ



ବୈଠକରେ ଅବସରପ୍ରାପ୍ତ କର୍ମଚାରୀ ମଞ୍ଚର କର୍ମକର୍ତ୍ତା।

**ବାହାନଗା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଅବସରପ୍ରାପ୍ତ କର୍ମଚାରୀ ମଞ୍ଚର ବୈଠକ ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମଞ୍ଚର ସ୍ଥାୟୀ ସଭାପତି ବିଶ୍ୱନାଥ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ଶଙ୍କର୍ଷଣ ଶିଅଳ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ୨୦୧୯ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ସେମାନଙ୍କ ବକେୟା ମହଙ୍ଗା ଭତ୍ତା ପ୍ରଦାନ ନ କରି ୨୦୨୦ ଜାନୁୟାରୀଠାରୁ ଦେବା ପାଇଁ ଘୋଷଣା କରିଛନ୍ତି । ମାତ୍ର ସରକାର ପିଛିଲା ୬ ମାସର ମହଙ୍ଗା ଭତ୍ତା ଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସରକାରଙ୍କ ଘୋଷଣା ମୁତାବକ ନାମଜାରି ପାଇଁ ଦରଖାସ୍ତ କରିବାର ୩ମାସ ମଧ୍ୟରେ ଉପଭୋକ୍ତାମାନଙ୍କ ପାଖରେ ଡାକ ଯୋଗେ ଖତିଆନ ପହଞ୍ଚିବାର କଥା। ମାତ୍ର ବାହାନଗାସ୍ଥିତ ପାଇକାସ୍ତା ତହସିଲରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ନାମଜାରି କରାଯାଇଥିଲେ ମଧ୍ୟ ଦୀର୍ଘ ମାସ ହୋଇଯାଇଥିଲେ ମଧ୍ୟ ଖତିଆନ ମିଳୁନାହିଁ। ଏ ବାବଦରେ ଅବସରପ୍ରାପ୍ତ କର୍ମଚାରୀ ଓ ସାଧାରଣ ଖତିଖିଆ ଲୋକମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ତହସିଲଦାର ନ ଥିବା କହି ଲୋକମାନଙ୍କୁ ଫେରାଉଥିବା ବାବଦରେ ଅବସରପ୍ରାପ୍ତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ସେହିପରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ ମଞ୍ଚ ତରଫରୁ ସରକାରଙ୍କଠାରେ ଦାବି କରାଯାଇଛି। ବୈଠକରେ କୃଷ୍ଣଚନ୍ଦ୍ର ବେହେରା, ଶତ୍ରୁଘ୍ନ ସେନାପତି, ଭରତ ଚନ୍ଦ୍ର ଶିଅଳ, ଗଙ୍ଗାଧର ସାମଲ, ସନ୍ତୋଷ କୁମାର ବେହେରା, ଅନାଦି ଚରଣ ଦାସ, ଭଗବାନ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ ଓ ରମଣୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହୋତ୍ସବ ପାଇଁ ପ୍ରସ୍ତୁତି

**ଖଇରା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁରଠାରେ ଚାଲି ଆସୁଥିବା ଐତିହାସିକ ଦୋଳ ମେଳଣ ଆଉ ମାତ୍ର ୧୫ଦିନ ଥିବା ବେଳେ ଏବେଠାରୁ ସାଜସଜା ଓ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶୁକ୍ରବାର ଭାଜପା ଯୁବ ନେତା ତଥା ସତ୍ୟସାଇ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନର ପରିଚାଳନା ନିର୍ଦ୍ଦେଶକ ଡ ବେଣୁମାଧବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପତିରାଜପୁର ରାଧାକୃଷ୍ଣ ଦୋଳ ମହୋତ୍ସବ ପାଳନ ପାଇଁ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ୨୧ ଓ ୨୨ତାରିଖରେ ମହୋତ୍ସବ ପଡିଆରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଚଳଚ୍ଚିତ୍ର ଜଗତର ବହୁ ନାମୀଦାମୀ କଳାକାର ଓ କଣ୍ଠଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ କିଭଳି ଏହାକୁ କିଭଳି ଶୃଙ୍ଖଳାର ସହ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ୪ନଂ. ଜୋନ ମଣ୍ଡଳ ସଭାପତି ରାଜେଶ ରାଉତ, ୬ନଂ. ଜୋନର ମଣ୍ଡଳ ସଭାପତି ପରିକ୍ଷିତ ମହାପାତ୍ର, ଶିଶିର ସାମଲ, କ୍ଷୀରୋଦ ଘଡେଇ, ଶଙ୍କର୍ଷଣ ମାଝୀ, ଝିଙ୍କିରିଆ ସମିତିସଭ୍ୟ କୈଳାସ ମାଝି, ଅଭୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଶିବରାତ୍ରି ଅବସରରେ ନାଟକ ଲୋକାର୍ପଣ ଉତ୍ସବ



ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି।

**ସୋର, ୨୨।୨(ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ସିଙ୍ଗାଖୁଣ୍ଟା ପଞ୍ଚାୟତର ନୂଆଶାସନ ଗ୍ରାମରେ ଶିବରାତ୍ରି ଅବସରରେ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସଭାରେ ନାଟକ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ମୂରଲୀଧର ପାଢ଼ୀଙ୍କ ରଚିତ ନାଟକ 'ମୁଁ ଗାନ୍ଧୀ ଇଲାକାର ମଣିଷ' ଲୋକାର୍ପିତ ହୋଇଥିଲା। ଉକ୍ତ ନାଟକକୁ ଜାଗର ଯାତ୍ରା ଅବସରରେ ସ୍ଥାନୀୟ ସ୍ୱପ୍ନେଶ୍ୱର ଯୁବକ ସଂଘ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଲୋକାର୍ପଣ ଉତ୍ସବରେ ଅତିଥି ଭାବେ ଡ. ପଦ୍ମଲୋଚନ ମହାକୁଡ଼, ଅଧ୍ୟାପକ ପଙ୍କଜ କୁମାର ଜେନା, ନୃତ୍ୟଶିଳ୍ପୀ ରବୀନ୍ଦ୍ର ପଣ୍ଡା ସଭାରେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଜାଗର ଯାତ୍ରା ଅବସରରେ ନାଟକକୁ ଉପଭୋଗ କରିଥିଲେ।

# ଜବରଦଖଲ ଯୋଗୁ କାଳିପଦା ବଜାର ସଙ୍କୁଚିତ

**ବାଲିଆପାଳ, ୨୨।୨(ଡି.ଏନ.ଏ.)**

ସରକାରୀ ଜାଗା ଜବରଦଖଲ ଯୋଗୁ ଏବେ ଦକ୍ଷିଣ ବାଲିଆପାଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର କାଳିପଦା ବଜାର ସଙ୍କୁଚିତ ହୋଇଛି। ଫଳରେ ଯାନବାହନ ଚଳାଚଳ ଅନେକ ସମୟରେ ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ରାସ୍ତାରେ ଗାଡ଼ିମୋଟର ଜାମ୍ ହୋଇଯାଉଛି। ଦୈନନ୍ଦିନ ଛୋଟମୋଟ ଦୁର୍ଘଟଣାମାନ ଘଟୁଛି। ଏହି ବଜାର ଦେଇ ବାଲିଆପାଳରୁ ଉଗରା ପର୍ଯ୍ୟଟନକେନ୍ଦ୍ରକୁ ପୂର୍ତ୍ତବିଭାଗ ରାସ୍ତା ଯାଇଛି। କାଳିପଦା ବଜାରରୁ ପୂର୍ବକୁ ପୁରାତନ ହାଟ ଆମ୍ବଟୁଆକୁ ଓ ନାଉଡ଼େଶ୍ୱର ଶୈବପୀଠକୁ ମଧ୍ୟ ରାସ୍ତା ଲମ୍ବିଛି।

କାଳିପଦା ବଜାରରେ ପ୍ରସିଦ୍ଧ କାଳୀ ମନ୍ଦିର, ଦୈନିକ ମାର୍କେଟ, ଜଗାଇ ହାଇସ୍କୁଲ ଓ କଲେଜ ରହିଛି। ଏଠାରେ ରାସ୍ତା ଜାମ୍ ହେଉଥିବାରୁ ପର୍ଯ୍ୟଟକ, ଛାତ୍ରୀଛାତ୍ରମାନେ ରାସ୍ତା ପାରି ହେବା ପାଇଁ ନାକେଦମ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର କେତେକ ପ୍ରଭାବଶାଳୀ ଲୋକ ଓ ଉଠାଦୋକାନୀ ରାସ୍ତା କଡ଼ ନୟନଯୋଡ଼ି, ସରକାରୀ, ଗୋଚର ଓ ଅନାବାଦୀ ଜାଗାକୁ ବେଆଇନ ଭାବେ ଅବରୋଧ କରି ପକ୍କା ଘର ଓ ଗୁମୁଟିମାନ ତୋଳାଇଛନ୍ତି। ବଜାର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ପାଇଁ ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସ, ଗଣଚେତନା ମଞ୍ଚ ସଭାପତି କୁଶଧ୍ୱଜ ଜେନା, ଅରୁଣ ଜେନା, ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ବାରମ୍ବାର ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ତେବେ ଲିଖିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବନିଯୁକ୍ତ ତହସିଲଦାର ପ୍ରଦୀପ କୁମାର ଦାସ କହିଛନ୍ତି।

# ମାତୃଭାଷାର ଉନ୍ନତି ଗୋଟିଏ ଜାତିକୁ ବୁଦ୍ଧିମନ୍ତ କରେ

**ବାଲେଶ୍ୱର ଅଫିସ, ୨୨।୨**



ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ସହର ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଛି। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱ କରି 'ଦେଶୀୟ ଭାଷା ମାଧ୍ୟମରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହୋଇପାରିବ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଯୋଗଦେଇ ଅନ୍ତର୍ଜାତୀୟ ଭାଷା ଦିବସର ସମ୍ପୂର୍ଣ୍ଣ ଇତିହାସ ପ୍ରଦାନ କରିବା ସହ ଭାଷାଭିତ୍ତିକ ରାଷ୍ଟ୍ର ଭାବେ ପ୍ରଥମେ ସୃଷ୍ଟି ହୋଇଥିବା ବାଂଲାଦେଶର ମାନ୍ୟତା ପ୍ରସଙ୍ଗ ଉତ୍ଥାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ, ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ବରିଷ୍ଠ ଗବେଷକ ଡ. ରମାକାନ୍ତ ବେହେରା ଓ ପ୍ରତିଷ୍ଠିତ ଭେଷଜ ବିଶେଷଜ୍ଞ ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ମାତୃଭାଷାର ଉନ୍ନତି ଗୋଟିଏ ଜାତିକୁ ବୁଦ୍ଧିମନ୍ତ କରିଥାଏ। ଆମ ଭାଷାର ପ୍ରାଚୀନତା କଥା କହିଥିବା ବେଳେ ବିଜ୍ଞାନ ତଥା ପ୍ରାୟୋଗିକ କ୍ଷେତ୍ରରେ ମାତୃଭାଷାର ପ୍ରୟୋଗ ଜ୍ଞାନ ବିସ୍ତୃତିରେ ସହାୟକ ହୋଇଥାଏ ବୋଲି ମତ ରଖିଥିଲେ। ସାଇକୃଷ୍ଣା ନାମକ ଶିଶୁ ଛାତ୍ରିଟିଏ ମାତୃଭାଷା ସମ୍ପର୍କିତ ଗୀତଟିଏ ଗାଇ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଫକୀରମୋହନଙ୍କର 'ମୋ ଜୀବନ ସାରଧନ' ଓ 'ଭାଷା ହିଁ ଜୀବନୀଶକ୍ତି ଜାତିମାନଙ୍କର' ଗୀତଦ୍ୱୟକୁ ଛାତ୍ର ଶ୍ୱେତାଲିଶା ପ୍ରୟଦର୍ଶନୀ ଓ କଲ୍ୟାଣୀ ନନ୍ଦ ଗାନ କରିଥିବାବେଳେ ବିମଳ ଜେନାଙ୍କ ରଚିତ 'ଅ ଠାରୁ କ୍ଷ ସବୁଅକ୍ଷର' ଗୀତଟିକୁ ସୁଚିତ୍ରା ସାହୁ ପରିବେଷଣ କରିଥିଲେ। ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ ଓ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା, ଡ. କ୍ଷିତୀଶ୍ୱର ଦାସ, ଦୀନବନ୍ଧୁ ଲେଙ୍କା, ପ୍ରଦୀପ ଚାଟାର୍ଜୀ, ତପନ ରାୟ, ଅରୁଣା ରାୟ, ସୁବ୍ରତା ମହାନ୍ତି, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର, ଶରତ କୁମାର ମହାପାତ୍ର, ଶଶିରଞ୍ଜନ ମଲ୍ଲିକ, ଅବନ୍ତୀ ପ୍ରଧାନ, ଜ୍ୟୋତ୍ସ୍ନା ରାୟ ମହାପାତ୍ର, ସଞ୍ଜୟ କୁମାର ପଣ୍ଡା, ବିଜୟ କୁମାର ମହାନ୍ତି, କମଳାକାନ୍ତ ଦାଶ, ପଦ୍ମଲୋଚନ ଦତ୍ତ, ଦେବେନ୍ଦ୍ର ଦାସ, ଡ.ହେମମାଳା ଦାଶ, ନୃସିଂହ ଚରଣ ନାୟକ, ପ୍ରଭାକର ସାହୁ, ଜ୍ଞମରନାଥ ପାତ୍ର, ପୀତାମ୍ବର ଦାସ, ପ୍ରୀତିଲେଖା ଦାସ, ବିଦ୍ୟାଧର ସାହୁ, ସୁଧାକର ସେଠୀ, ବାସନ୍ତୀ କର, ଅନସୂୟା ନାୟକ, ଚିତ୍ତରଞ୍ଜନ ରାଉତ, ପ୍ରତିମା ପଣ୍ଡା, ଶ୍ରୀରୂପା ମଞ୍ଜରୀ ସେନ୍, ଜୟନ୍ତ ରଣା, ଡ. ରତ୍ନାକର ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଶିବ ଜୟନ୍ତୀ ମହୋତ୍ସବ



ମହୋତ୍ସବ ଅବସରରେ ପାରମ୍ପରିକ ପତାକା ଉତ୍ତୋଳନ କରାଯାଉଛି।

**ବାଲିଆପାଳ, ୨୨।୨(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ମାଣିକସିମୁଳିଆଠାରେ ଥିବା ପ୍ରଜାପତି ଐଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଗାଇ ଉପକେନ୍ଦ୍ର ପକ୍ଷରୁ ଶିବ ଜୟନ୍ତୀ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ପାରମ୍ପରିକ ପତାକା ଉତ୍ତୋଳନ କରାଯାଇଥିଲା। ଶିବରାତ୍ରି ପାଳନ ସହିତ ଶିବରାତ୍ରି ପାଳନର ତତ୍ତ୍ୱ, ବ୍ରହ୍ମା ଏବଂ ଶିବଲିଙ୍ଗ ସ୍ମାରକ ଚିହ୍ନ ସମ୍ପର୍କରେ ବ୍ରହ୍ମାକୁମାର ଡା. ପୁରୁଷୋତ୍ତମ ଭାଇ ବର୍ଣ୍ଣନା କରିଥିଲେ। ବ୍ରହ୍ମାକୁମାରୀ ରମା ଭଉଣୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ କେକ୍ କଟାଯାଇ ପ୍ରଜାପିତ ବ୍ରହ୍ମାକୁମାରୀ ଅନୁଷ୍ଠାନର ପତାକାକୁ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସାରଦା ପ୍ରସନ୍ନ ମୁଦୁଲି ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ସମାଜସେବୀ ଜଗନ୍ନାଥ ବିଶ୍ୱାଳ, ରତ୍ନାକର କୁହ୍ଲାରୀ, ଅଜୟ ସାହୁ, ଦିଲୀପ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମାକୁମାର ସଚିଦାନ୍ଦ, ବାବାଜୀ, ବ୍ରହ୍ମାକୁମାରୀ ଆରାଧନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଏହି ବ୍ଲକର ଦେଭୋଗ, ଜାମଶୁଳି, ସିମୁଳିଆ, ବଡ଼ାଶ, ଡାଙ୍ଗପିଟା, କାଉମାରୀ, ନାରାୟଣପୁର, ବାଲିବିଲ, ରାଣିଖୁଡି, କଣ୍ଟ୍ରାମହଲ, ପଞ୍ଚୁପାଲି, ରାଉତୁରା ଆଦି କେନ୍ଦ୍ରରେ ସମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ନୀଳମଣି କଲେଜରେ ରକ୍ତଦାନ ଶିବିର

**ରୂପ୍‌ସା, ୨୨।୨(ଡି.ଏନ.ଏ.)**

ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ, ରୋଭର ଆଣ୍ଡ ରେଞ୍ଜନର ଏବଂ ଜାତୀୟ ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ବ୍ଲଡ ବ୍ୟାଙ୍କ ଅଫିସର ଡା. ମହେଶ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଅଧ୍ୟାପିକା ଡ. ଆରୁଣୀ ମିଶ୍ର, ରୋଜାଲିନ ସ୍ୱାଇଁ, ଅଧ୍ୟାପକ ଶମ୍ଭୁନାଥ ଗିରି, ବିଜୟ କୁମାର ବେହେରା, ଅଧ୍ୟାପିକା ପିନାକ୍ଷୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ସଂଯୋଜକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ଲଡ ବ୍ୟାଙ୍କ ଅଫିସର ଡା. ବିଶ୍ୱାଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।





ଜଣେ ରକ୍ତଦାତାଙ୍କ ଗହଣରେ ଅତିଥିମାନେ।

# ଗ୍ରାମକୁ ଯାଇ ଅନୁଧ୍ୟାନ କଲେ କନିଷ୍ଠଯନ୍ତ୍ରୀ

## ପାଣି ପାଇଁ ତହଲବିକଳ କରଞ୍ଜୋଇ ଗ୍ରାମବାସୀ

**ବାହାନଗା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁଚିଆକୋଇଲି ପଞ୍ଚାୟତର କରଞ୍ଜୋଇ ଗ୍ରାମବାସୀ ଦୀର୍ଘଦିନ ହେଲା ଶୁଦ୍ଧ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଗ୍ରାମବାସୀ ଏ ନେଇ ରାଜ୍ୟ ମାନବାଧିକାର କମିଶନଙ୍କଠାରେ ଅଭିଯୋଗ କରିଥିଲେ। କମିଶନଙ୍କ ନିର୍ଦ୍ଦେଶ ପରେ ବ୍ଲକ ପ୍ରଶାସନ ତତ୍ପର ହୋଇପଡିଛି। ବ୍ଲକ ପାନୀୟ ଜଳ ବିଭାଗର ଦୁଇଜଣ କନିଷ୍ଠଯନ୍ତ୍ରୀ ଗୁରୁବାର ଗ୍ରାମକୁ ଯାଇ ତଦନ୍ତ କରି ଫେରିଛନ୍ତି । ଫଳରେ ଲୋକଙ୍କ ମଧ୍ୟରେ ଶୁଦ୍ଧ ପାନୀୟ ଜଳ ପାଇବାର ଆଶା ସଞ୍ଚାର ହୋଇଛି।

ପଞ୍ଚାୟତର ୭ନମ୍ବର ୱାର୍ଡ କରଞ୍ଜୋଇ ଗ୍ରାମର ଥିବା ବାବା ଆଳେଶ୍ୱର ଶିବ ମନ୍ଦିର ପରିସରରେ ଏକମାତ୍ର ସରକାରୀ ନଳକୂପ ଥିଲେ ମଧ୍ୟ ତାହା ଦୀର୍ଘଦିନ ଧରି ଅଚଳ ହୋଇପଡିବା ସହ ଦୁର୍ଗନ୍ଧ ଓ ଗୋଳିଆ ପାଣି ବାହାରୁଛି।



ନଳକୂପରୁ ବାହାରୁଥିବା ଗୋଳିଆ ପାଣିକୁ ଗ୍ରାମବାସୀ ଦେଖାଉଛନ୍ତି।

ଏହି ପାଣିକୁ ବ୍ୟବହାର କରି ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ମନ୍ଦିର ପରିସରରେ ଥିବା ଏକ ପୁରାତନ ପତିତ କୂଅ ମଧ୍ୟରେ ପ୍ରଶାସନ ବୋରିଂ ନ କରି ନଳକୂପ ସହ ସଂଯୋଗ କରିଥିବାରୁ ଏଭଳି ପାଣି ବାହାରୁଥିବା ଜଣାପଡିଛି। ଏ ବିଷୟରେ ଗ୍ରାମବାସୀ ବାରମ୍ବାର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟ ନ ହେବାରୁ ଶେଷରେ ବାଲେଶ୍ୱର ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କଠାରେ ୨୦୧୯ଠାରୁ ଅଭିଯୋଗ କରିଆସୁଛନ୍ତି। କିଛି ସୁଫଳ ମିଳୁ ନ ମିଳିବାରୁ ଶେଷରେ ଗ୍ରାମବାସୀ ଗତବର୍ଷ ଅକ୍ଟୋବର ୧୯ତାରିଖରେ ରାଜ୍ୟ ମାନବ ଅଧିକାର କମିଶନଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କିଛି ସମସ୍ୟାର ସମାଧାନ ନ ହେବାରୁ ପୁନର୍ବାର ଚଳିତବର୍ଷ ଜାନୁୟାରୀ ୧୮ତାରିଖରେ ଗ୍ରାମବାସୀ ଦ୍ୱିତୀୟବାର କମିଶନଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ କେସ୍ ନମ୍ବର ୨୪୩୨/୨୦୧୯ ଓ ଚିଠି ନମ୍ବର ୨୩୭୭୯/ଓଏଚଆରସି ଯୋଗେ ବାହାନଗା ବିଡିଓଙ୍କୁ ୪ ସପ୍ତାହ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଫେବୃୟାରୀ ୨୩/୨୦୨୦ Balasore, Sunday, February 23/2020

# ବୈଜ୍ଞାନିକ ପ୍ରଣାଳୀରେ ଉଦ୍ୟୋଗ ସ୍ଥାପନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୨।୨**

ବାଲେଶ୍ୱର ସହର ଆଇଟିଆଇ ପଡ଼ିଆରେ ଓଡ଼ିଶା ଆକ୍ୱାଟିକ୍ ଫିଡ୍ ଡିଲର୍ସ ଆସୋସିଏଶନ୍, ସି ଫୁଡ୍ ଏକ୍ସପୋର୍ଟସ ଆସୋସିଏଶନ୍ ଅଫ୍ ଇଣ୍ଡିଆ ରାଜ୍ୟ ଶାଖା ଓ ଓଡ଼ିଶା ସ୍ରିମ୍ପ ଫାର୍ମର୍ସ ଆସୋସିଏଶନ୍ ଦ୍ୱାରା ବାଲେଶ୍ୱର ଚ୍ୟାମ୍ବର ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ କମର୍ସ (ବିସିଆଇସି) ସହଯୋଗରେ ଆକ୍ୱା ଏକ୍ସପୋ ଓଡ଼ିଶା-୨୦୨୦ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଆଞ୍ଚଳିକ ସାମଗ୍ରୀଗୁଡ଼ିକର ବିକାଶ ସହ କ୍ଷୁଦ୍ର କ୍ଷୁଦ୍ର ଉଦ୍ୟୋଗ ସ୍ଥାପନ କରି ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉଦ୍ୟୋଗ ସ୍ଥାପନ କରି ଶ୍ରମିକ ସଂଖ୍ୟା ବଢ଼ାଇବା ଯେତିକି ମୂଲ୍ୟବାନ ନୁହେଁ, ବୈଜ୍ଞାନିକ ପ୍ରଣାଳୀରେ ଉଦ୍ୟୋଗ ସ୍ଥାପନ କରାଗଲେ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ।

୩ ଦିନ ଧରି ଚାଲିବାକୁ ଥିବା ଉକ୍ତ ମେଳାରେ ୫୦ରୁ ଊର୍ଦ୍ଧ୍ୱ ଦେଶ ଓ ବିଦେଶରୁ ବିଭିନ୍ନ କମ୍ପାନୀର ଷ୍ଟଲ୍ ଯୋଗ ଦେଇଛନ୍ତି। ଓଡ଼ିଶା ମତ୍ସ୍ୟ ଚାଷୀ ସଂଘର ସଭାପତି ସଞ୍ଜୟ ମହାନ୍ତି ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ବିସିଆଇସିର ସଭାପତି ହିମାଂଶୁ ଦାସ, ଅତିଥି ଭାବେ ଡ. ଅକ୍ଷୟ ପାଣିଗ୍ରାହୀ, ଡ. ସୁରେଶ ନାୟକ, ଡ. ରବି କୁମାର ଆମେର୍ନେନି, ଜିଲା ମତ୍ସ୍ୟଚାଷୀ ସଂଘର ସଭାପତି ପ୍ରଭାରଞ୍ଜନ ପଟ୍ଟନାୟକ, ସମ୍ପାଦକ ଅଭୟ କୁମାର ମହାପାତ୍ର, ଓଡ଼ିଶା ମତ୍ସ୍ୟଚାଷ ବିଭାଗର ବରିଷ୍ଠ ବିଶେଷଜ୍ଞ କମିଳେଶ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶାର ମତ୍ସ୍ୟ ଚାଷୀମାନଙ୍କ ବିକାଶ ଓ ଏହାଦ୍ୱାରା ଅର୍ଥନୈତିକ ବିକାଶ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଆକ୍ୱା ଏକ୍ସପୋ ଓଡ଼ିଶା-୨୦୨୦ର କାର୍ଯ୍ୟକାରୀ ସମ୍ପାଦକ ସଂଗ୍ରାମ ଦାସ ସମସ୍ତ କାର୍ଯ୍ୟକୁ ସମ୍ପାଦନା କରିଥିଲେ। ୧୯୯୨ ମସିହାରୁ ଓଡ଼ିଶାରେ ଚିଙ୍ଗୁଡ଼ି ଚାଷ ତଥା ଅନ୍ୟାନ୍ୟ ମାଛଚାଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ପ୍ରାୟ ୨ ଶହ କୋଟି ଟଙ୍କା ଏ ବାବଦରେ ଉଦ୍ୟୋଗୀମାନେ ଖର୍ଚ୍ଚ କରିଥିବା ବେଳେ ୨୮ ବର୍ଷ ମଧ୍ୟରେ ଓଡ଼ିଶାରେ ୩୬ ଶହ କୋଟି ଟଙ୍କାର ବ୍ୟବସାୟ ହୋଇପାରିଛି। ସେହିପରି ସେତେବେଳେ ହାତଗଣତି କେତେଜଣ ଉଦ୍ୟୋଗୀ ମାଛ ଚାଷ ପାଇଁ ଆଗେଇ ଆସିଥିବାବେଳେ ଏବେ ଓଡ଼ିଶାର ଏହି ସଂଖ୍ୟା ୮ ହଜାରରେ ପହଞ୍ଚିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉଦ୍ୟୋଗ ହେବା ଫଳରେ ଓଡ଼ିଶାର ଅର୍ଥନୈତିକ ବିକାଶ ହୋଇଥିବାବେଳେ ଆଗାମୀ ଦିନରେ ୧୦ ହଜାର କୋଟି ଟଙ୍କାର ବ୍ୟବସାୟ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ଆରମ୍ଭ ହେଲା ଆକ୍ୱା ଏକ୍ସପୋ ଓଡ଼ିଶା



ଉଦ୍‌ଘାଟନୀ ଉତ୍ସବ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅତିଥିମାନେ।

## ଛତିଶଗଡ଼ର ୨ ନାବାଳିକା ଉଦ୍ଧାର

**ପଦ୍ମପୁର, ୨୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲୁଙ୍ଗା ପଞ୍ଚାୟତ ବଡ଼କିଆରିଠାରୁ ଛତିଶଗଡ଼ର ଦୁଇ ନାବାଳିକାଙ୍କୁ ଶନିବାର ଅପରାହ୍ନରେ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଦୁଇ ଯୁବକ ଛତିଶଗଡ଼ରେ ରହି କାମ କରୁଥିବାବେଳେ ୨ ନାବାଳିକାଙ୍କ ସହିତ ସମ୍ପର୍କ ଗଢ଼ି ଉଠିଥିଲା। ପରେ ସେମାନେ ୨ ନାବାଳିକାଙ୍କୁ ନେଇ ଓଡ଼ିଶା ପଳାଇ ଆସିଥିଲେ। ଛତିଶଗଡ଼ ପୋଲିସ ବାସୁଦେବପୁର ପୋଲିସ ସହାୟତାରେ ଦୁଇ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ସେମାନେ ଦୁଇ ଭଉଣୀ ବୋଲି ଜଣାପଡ଼ିଥିବା ପୋଲିସ କହିଛି।

## ପୃଥକ୍ ଦୁର୍ଘଟଣା: ୪ ଗୁରୁତର

**କୁଆଁମରା, ୨୨।୨(ଡି.ଏନ.ଏ.)**

ଶୁକ୍ରବାର ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲା ଉଦଳା-ବୈଶିଙ୍ଗା ରାସ୍ତାର ୩ଟି ପୃଥକ ସ୍ଥାନରେ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଶିବରାତ୍ରୀ ଉପଲକ୍ଷେ ଖୁଣ୍ଟା ଥାନା ପଶୁଦା ଗ୍ରାମରୁ ୬ଜଣ ଏକ ଅଟୋ ଯୋଗେ ମାଣତ୍ରୀ ଯାଇ ସେଠାରୁ ରାତି ୧୦ଟାରେ ଫେରୁଥିବା ବେଳେ ଭୀମଦା ଫାଣ୍ଡି ବେଗୁନିଆବଣି ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଫଳରେ ସେଥିରେ ବସିଥିବା ୬ଜଣଙ୍କ ମଧ୍ୟରୁ ଜିତେନ୍ଦ୍ର ସିଂ ଓ ମନୋରଞ୍ଜନ ସିଂଙ୍କ ଅବସ୍ଥା ଗୁରୁତର ହୋଇଛି। ଅନ୍ୟମାନେ ଆହତ ହୋଇଛନ୍ତି। ବୈଶିଙ୍ଗା ଗ୍ରାମରୁ ସଞ୍ଜୀବ ବେହେରା ଓ ଜଗବନ୍ଧୁ ଦାସ ଉଭୟ ଏକ ବାଇକ ଯୋଗେ ଉଦଳାରୁ ଘରକୁ ଫେରୁଥିବା ବେଳେ କୁଆଁମରା ଫାଣ୍ଡି ଗଡିଆମାଳ ନିକଟରେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଦୁହିଁଙ୍କ ଅବସ୍ଥା ଗୁରୁତର ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବଡସାହି ଥାନା ତେନ୍ତୁଳି ଗାଁ ହନୁମାନ ମନ୍ଦିର ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ବଡବିଲା ଗ୍ରାମର ସୁନାରାମ ମୁର୍ମୁ, ଶୁକୁରା ସିଂ ଓ ଶକ୍ତି ସିଂ ଆହତ ହୋଇଛନ୍ତି। ଦୁର୍ଘଟଣା ଖବରପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଆହତ ଓ ଗୁରୁତରମାନଙ୍କୁ କୁଆଁମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସଞ୍ଜୀବ, ଜଗବନ୍ଧୁ, ଜିତେନ୍ଦ୍ର ଓ ମନୋରଞ୍ଜନ ୪ଜଣ ଗୁରୁତରଙ୍କ ବାରିପଦା ଓ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ୩ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଥିବା ଡାକ୍ତର ଜ୍ୟୋତିକୃଷ୍ଣ କାଣ୍ଟ ସୂଚନା ଦେଇଛନ୍ତି।

# ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ, ୪ ଆକ୍ରାନ୍ତ

**ବାହାନଗା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଖନ୍ତାପଡା ଥାନା ଅଧୀନ ଦକ୍ଷୀଣନରସିଂପୁର ପଞ୍ଚାୟତ ଚଷାଖଣ୍ଡ ଗ୍ରାମର ଦଳେଇ ସାହିରେ ଝାଡାବାନ୍ତି ବ୍ୟାପି ଗତ ୪ଦିନ ମଧ୍ୟରେ ୫ଜଣ ମହିଳା ଓ ପୁରୁଷ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଜଣେ ମହିଳାଙ୍କର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଗ୍ରାମର ଅନ୍ୟ ୪ ଜଣ ଚିକିତ୍ସାଧୀନ ଅଛନ୍ତି।

ଗ୍ରାମର ମଦନ ଦଳେଇଙ୍କ ପତ୍ନୀ କମଳିନୀ ୫ଦିନ ତଳେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଘରୋଇ ଚିକିତ୍ସା ହେଉଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ କମଳିନୀଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ତେବେ ଗ୍ରାମର ସନାତନ ଦଳେଇ, ଶଙ୍କରା ଦଳେଇ, ମହେଶ୍ୱର ଦଳେଇ, କାଳିଆ ଦଳେଇ ପ୍ରମୁଖ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗ୍ରାମରେ ଥିବା ଏଏନ୍‌ଏମ୍ ସେଣ୍ଟରରେ ପ୍ରାଥମିକ ଚିକିତ୍ସା ସୁବିଧା ନ ପାଇ ଆକ୍ରାନ୍ତ ହେବାର ଦିନକ ପରେ ନିକଟସ୍ଥ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ପ୍ରାଥମିକ ଚିକିତ୍ସା ପରେ ଘରେ ଅଛନ୍ତି। ତେବେ ଚଷାଖଣ୍ଡ ଗ୍ରାମରେ ଏକମାତ୍ର ସରକାରୀ ଏଏନ୍‌ଏମ୍ ସେଣ୍ଟର ଥିଲେ ମଧ୍ୟ ସେଠାରେ କୌଣସି ପ୍ରାଥମିକ ଚିକିତ୍ସା ଅଧିକାରୀ ନ ରହିବା ଓ ସବୁବେଳେ ତାଲା ଝୁଲିବା ଫଳରେ ଗ୍ରାମବାସୀ କୌଣସି ସୁଫଳ ପାଉନାହାନ୍ତି । ଫଳରେ ଲୋକମାନେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି।


ଚଷାଖଣ୍ଡ ଗ୍ରାମର ଝାଡ଼ାବାନ୍ତି ଆକ୍ରାନ୍ତ।

ସରକାର ଗ୍ରାମରେ ଖୋଲିଥିବା ଏଏନ୍‌ଏମ୍ ସେଣ୍ଟର କାର୍ଯ୍ୟକ୍ଷମ ନ କରିବେ ତାହେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ମା' ଝିଅଙ୍କୁ ମାଡ଼ ଘଟଣା: ଫରେଷ୍ଟଗାର୍ଡ କୋର୍ଟ ଚାଲାଣ

**ଠାକୁରମୁଣ୍ଡା, ୨୨।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣୀ ରେଞ୍ଜର ବାରାହାପଣପୋଷି ଗ୍ରାମର ଜନୈକା ମହିଳା ଓ ତାଙ୍କ ଗର୍ଭବତୀ ଝିଅଙ୍କୁ ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ଜଣେ ମହିଳା ଫରେଷ୍ଟଗାର୍ଡ ମାଡ଼ ମାରି ହାତ ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। କରଞ୍ଜିଆ ଥାନା ପୋଲିସ ଏ ନେଇ ଏକ ମାମଲା(ନଂ.୨୭/୨୦) ରୁଜୁ କରି ଫରେଷ୍ଟଗାର୍ଡଙ୍କୁ ଅଟକ ରଖିଥିଲା। ଶନିବାର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଥାଉକି, ସମ୍ପୃକ୍ତ ଫରେଷ୍ଟଗାର୍ଡ ଏହି ମା' ଝିଅଙ୍କୁ ମାଡ଼ ମାରିବା ଘଟଣା ନେଇ ସ୍ଥାନୀୟ ଲୋକେ ଶୁକ୍ରବାର କରଞ୍ଜିଆ-ଟଙ୍ଗାବିଲା ୨୨୦ ନଂ. ଜାତୀୟ ରାଜପଥର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ୭ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଡିଏଫ୍‌ଓ ଫରେଷ୍ଟଗାର୍ଡଙ୍କୁ ନିଲମ୍ବନ କରିଥିଲେ।

# କପି କରି ଧରାପଡ଼ିଲେ ୧୩ ପରୀକ୍ଷାର୍ଥୀ

**ଭଦ୍ରକ ଅଫିସ/ତିହିଡ଼ି/ବାରିପଦା/ ଭୋଗରାଇ, ୨୨।୨(ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷାର ୨ୟ ଦିନ ଶନିବାର ଥିଲା ଇଂଲିଶ ପରୀକ୍ଷା। ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କପି କରି ୧୩ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଜୟପୁରସ୍ଥିତ ବାଞ୍ଛାନିଧି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଛାତ୍ର, ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ଓ ମତୋ ହାଇସ୍କୁଲ କେନ୍ଦ୍ରରେ ଜଣେ ଛାତ୍ର କପି କରି ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ। ସେହିପରି ମୟୂରଭଞ୍ଜ ଜିଲାର ୩ଟି ପରୀକ୍ଷାକେନ୍ଦ୍ରରେ ୫ ଛାତ୍ରୀଛାତ୍ର ଧରାପଡ଼ି ମାଲ୍ ପ୍ରାକ୍ଟିସ ହୋଇଛନ୍ତି। ବହଳଦା ଝରାଡିହି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ , ବହଳଦା ଏସ୍‌କେ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଜଣେ ଓ ସରକାରୀ ଏସ୍‌ଏସ୍‌ଡ଼ି ହାଇସ୍କୁଲ ବହୁବନ୍ଧ କେନ୍ଦ୍ରରେ ୩ ଜଣ ଧରା ପଡ଼ିଥିଲେ। ଇଂଲିଶ ପରୀକ୍ଷା ଦେବା ପାଇଁ ୩୫,୭୫୬ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୮୦ଟି କେନ୍ଦ୍ରରେ ୩୪,୦୬୯ ଜଣ ପରୀକ୍ଷା ଦେଇଥିଲେ। ୧୬୮୭ ଜଣ ଅନୁପସ୍ଥିତ ଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ସେହିପରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଭଗବାନଚନ୍ଦ୍ର ହାଇସ୍କୁଲ କଟିସାହି ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ ୪ଜଣ ଓ ଲୋକନାଥ ହାଇସ୍କୁଲ ମହାଗବ ପରୀକ୍ଷାକେନ୍ଦ୍ରରୁ ଜଣେ ପରୀକ୍ଷାର୍ଥୀ କପି କରି ଧରାପଡିଛନ୍ତି। ସିସି କ୍ୟାମେରା ଲାଗି ନଥିବା ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପରୀକ୍ଷା ସ୍ୱଚ୍ଛତା ରହୁନଥିବାର ଅଭିଯୋଗ ହୋଇଛି। ଅବଜରଭରମାନେ ପରୀକ୍ଷା କେନ୍ଦ୍ରରେ ବସି ରହି କର୍ତ୍ତବ୍ୟ ଶେଷ କରୁଥିବାର ଅଭିଯୋଗ ହୋଇଛି।

## ବାଲିଆପାଳରୁ ୧୦ ସଂଖ୍ୟାଲଘୁଙ୍କ ହଜ୍ ଯାତ୍ରା

**ବାଲିଆପାଳ, ୨୨।୨(ଡି.ଏନ.ଏ.)**

ପବିତ୍ର ହଜ୍ ପାଇଁ ଶୁକ୍ରବାର ବାଲିଆପାଳରୁ ୧୦ ସଂଖ୍ୟାଲଘୁ ବିଦେଶକୁ ଯାତ୍ରା କରିଛନ୍ତି। ବାଲିଆପାଳ ମସ୍‌ଜିଦରେ ସେମାନେ ନମାଜ ପାଠ ସାରିବା ପରେ ଏକ ଶୋଭାଯାତ୍ରାରେ ଜାମକୁଣ୍ଡା ଛକ ନିକଟ କବର ସ୍ଥାନରେ ଚଦର ଚଢ଼ାଇଥିଲେ। ବାଲିଆପାଳ ବସ୍ତି, କୁହ୍ଲାଚ ଓ ଖଗଡ଼ାପାଳ ବସ୍ତିରୁ ୧୦ଜଣ ସଂଖ୍ୟାଲଘୁ ଏହି ହଜ୍ ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ପବିତ୍ର ଯାତ୍ରା ପାଇଁ ସ୍ଥାନୀୟ ଅଞ୍ଚଳର ରାଜନେତା, ବୁଦ୍ଧିଜୀବୀ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଯାତ୍ରାର ଶୁଭକାମନା ଜଣାଇଛନ୍ତି।

## କଣ୍ଟେନର-ମିନିଟ୍ରକ୍ ଧକ୍କା

**ଭଣ୍ଡାରିପୋଖରୀ, ୨୨।୨ (ଡି.ଏନ.ଏ.)**

ଭଦ୍ରକଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ ଜାତୀୟ ରାଜପଥର ପାଳଦାବାଙ୍କଠାରେ ଶନିବାର ପୂର୍ବାହ୍ନରେ କଣ୍ଟେନର ଓ ମିନିଟ୍ରକ ଧକ୍କାରେ କଣ୍ଟେନର ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମିନିଟ୍ରକ ଚିପ୍ସ ନେଇ ପାଣିକୋଇଲି ଆଡୁ ଭଦ୍ରକ ଅଭିମୁଖେ ଆସୁଥିବାବେଳେ କଣ୍ଟେନରଟି ଭଦ୍ରକରୁ କଟକ ଆଡ଼କୁ ଯାଉଥିଲା। ପାଳଦାବାଙ୍କଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ମିନିଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଥାନାରେ କୌଣସି ରିପୋର୍ଟ ହୋଇନାହିଁ।

## ପାରିବାରିକ ଗଣ୍ଡଗୋଳ | ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା

**ରାଇରଙ୍ଗପୁର, ୨୨।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ଡୁଭା ଗ୍ରାମରେ ସାମାନ୍ୟ ପାରିବାରିକ ଗଣ୍ଡଗୋଳ ହତ୍ୟାକାଣ୍ଡର ରୂପ ନେଇଛି। ଡୁଭା ଗ୍ରାମର ଜିତେନ ନାଏକ ତାଙ୍କ ବାପା ଗୋପାଳଙ୍କୁ ଏକ ଠେଙ୍ଗାରେ ପିଟି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୯/୨୦) ରୁଜୁ କରି ପୁଅ ଜିତେନଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

ଶୁକ୍ରବାର କୌଣସି କାରଣରୁ ଉଭୟ ବାପ, ପୁଅ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପୁଅ ଜିତେନ ଉତ୍ୟକ୍ତ ହୋଇ ଏକ ଠେଙ୍ଗାରେ ବାପା ଗୋପାଳଙ୍କୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକ ନେତୃତ୍ୱରେ ଭାରପ୍ରାପ୍ତ ଥାନାଧିକାରୀ ସବ୍‌ଇନ୍‌ସପେକ୍ଟର ଦେବାଶିଷ ଶତପଥୀ ପ୍ରମୁଖ ସଦଳବଳେ ଶନିବାର ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀକୁକୁର ସହାୟତାରେ ତଦନ୍ତ କରି ଶବ ଜବତ କରିଥିଲେ। ରାଇରଙ୍ଗପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି।

# ଗୋଟିଏ କୋଡ୍‌ରେ ୨ ବିଦ୍ୟାଳୟ ନାମ

**ବନ୍ତ, ୨୨।୨(ଡି.ଏନ.ଏ.)**

### ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ପରୀକ୍ଷାର୍ଥୀ

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋବିନ୍ଦପୁରସ୍ଥିତ ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲରେ ମାଟ୍ରିକ ପରୀକ୍ଷାର୍ଥୀମାନେ ପାଇଥିବା ଆଡ୍‌ମିଟ୍ କାର୍ଡରେ ସମାନ କୋଡ୍‌ରେ ଦୁଇଟି ବିଦ୍ୟାଳୟର ନାମ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ପରୀକ୍ଷାର୍ଥୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଅଭିଭାବକମାନେ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭ୍ୟ ବିଦ୍ୟାଧର ସେନାପତି ଓ ପର୍ଶୁରାମ ପଣ୍ଡା ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ, କଟକର ପରୀକ୍ଷା ନିୟନ୍ତ୍ରକ, ବାଲେଶ୍ୱର ଜୋନ୍‌ର ଡେପୁଟି ସେକ୍ରେଟାରୀଙ୍କ ନିକଟକୁ ଲିଖିତ ଅଭିଯୋଗ ମେଲ୍ ଯୋଗେ ପଠାଇଛନ୍ତି।

ପ୍ରକାଶ ଯେ, ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏହି ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଛି। ଏଥିନେଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆଦେଶନାମା ନଂ-୧୧୪୭/ତା ୫।୨।୨୦ ରିଖରେ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ଚିଠି କରାଯାଇଥିଲା। ଏହି କେନ୍ଦ୍ରରେ ନିଳୋକ, ତରାଗୋ, ଅଳଡତି ୩ଟି ହାଇସ୍କୁଲର ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡ ପକ୍ଷରୁ ପ୍ରଦାନ କରାଯାଇଥିବା ଆଡ୍‌ମିଟ୍ କାର୍ଡ ପାଇଛନ୍ତି। ଉକ୍ତ କାର୍ଡରେ କେନ୍ଦ୍ରର ନାମ ୧୩୮ ସି.ବି. ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲ ବୋଲି ଉଲ୍ଲେଖ ରହିଛି। ଅପରପକ୍ଷେ ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲର ପରୀକ୍ଷାର୍ଥୀମାନେ କେନ୍ଦୁଆପଦା ନୋଡାଲ ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଉଥିବାବେଳେ ସେମାନେ ପାଇଥିବା ଆଡମିଟ୍ କାର୍ଡରେ ୧୩୮ ସି.ବି. ଗଣେଶ ପ୍ରସାଦ ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲ, ଏରେଣ୍ଡେଇ, ଗୋବିନ୍ଦପୁର ବୋଲି ଉଲ୍ଲେଖ ରହିଛି। ଫଳରେ ୪ଟି ସ୍କୁଲର ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପରିଚାଳନା କମିଟି ପୂର୍ବତନ ସଭ୍ୟ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲର ନାମ ପରିବର୍ତ୍ତନକୁ ନେଇ ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁ.ପି(ସି)-୨୩୬୨୩/୨୦୧୯ରେ ଏକ ପିଟିଶନ କରାଯାଇଛି। କୋର୍ଟ ଗତ ଡିସେମ୍ବର ୬ରେ ଏହା ଉପରେ ସ୍ଥଗିତାଦେଶ ଦେଇଥିଲେ। ତାହା ଅଦ୍ୟାବଧି ବଳବତ୍ତର ରହିଥିବାବେଳେ ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୬ରେ ରହିଛି। କୋର୍ଟଙ୍କ ଅନ୍ତରୀଣ ଆଦେଶନାମା ବଳରେ ସ୍କୁଲର ନାମ ପୁରୁଷୋତ୍ତମ ସେଠୀ ନୋଡାଲ ହାଇସ୍କୁଲ ଗୋବିନ୍ଦପୁର ହେବା ଆବଶ୍ୟକ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ କୁମାର ସାହୁଙ୍କୁ ପଚାରିବାରୁ ଉଚ୍ଚ ନ୍ୟାୟାଳୟରେ କେସ୍ ଚାଲୁଥିବାରୁ କ'ଣ ହୋଇଛି ପରେ ଦେଖାଯିବ ବୋଲି କହିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ୨୩ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### କପି କରି ଧରାପଡ଼ିଲେ ୮ ପରୀକ୍ଷାର୍ଥୀ

**କେନ୍ଦୁଝର, ୨୨।୨(ଡି.ଏନ୍.ଏ.)-** ମାଟ୍ରିକ୍ ପରୀକ୍ଷା ଶନିବାର ଦ୍ୱିତୀୟ ଦିନରେ ଇଂରାଜୀ ବିଷୟରେ କେନ୍ଦୁଝର ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୬ଜଣ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ଜିଲା ଶିକ୍ଷା ବିଭାଗ ତରଫରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ, ଝୁମ୍ପୁରା ବ୍ଲକର ଉଖୁଣ୍ଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨ଜଣ ପରୀକ୍ଷାର୍ଥୀ ଏବଂ ଏବିଏ ହାଇସ୍କୁଲ, ଖୁଣ୍ଟାପଡା କେନ୍ଦ୍ରରେ କପି କରୁଥିବା ସମୟରେ ଜଣେ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରା ପଡିଥିବା ସୂଚନା ମିଳିଛି। ଅପରପକ୍ଷେ ଆନନ୍ଦପୁର ଉପଖଣ୍ଡ ତରୁଆଁ ଡିବି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଓ ଡଅଁରସ୍ଥିତ ଟିଏମ୍ ଏକାଡେମୀ ପରୀକ୍ଷା କେନ୍ଦ୍ରରେ ୨ଜଣ ପରୀକ୍ଷାର୍ଥୀ କପି କରୁଥିବା ସମୟରେ ସ୍କ୍ୱାଡ ହାତରେ ଧରା ପଡିଥିବା ସୂଚନା ମିଳିଛି।

**ହାଟଡିହୀ,(ଡି.ଏନ.ଏ.)-** ହାଟଡିହୀ ବ୍ଲକରେ ଚଳିତ ବର୍ଷ ୧୩ଟି ପରୀକ୍ଷା କେନ୍ଦ୍ରରେ ୨୦୯୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିଲା ବେଳେ ଦ୍ୱିତୀୟ ଦିନ ୧୯୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଡଅଁର ପରୀକ୍ଷା କେନ୍ଦ୍ରରେ କପି କରି ୨ ଜଣ କେନ୍ଦୁଝର ଜିଲା ଡିପିସି ସ୍କ୍ୱାଡ ହାତରେ ଧରାପଡିଛନ୍ତି।

### ବିଶ୍ୱ ମାତୃଭାଷା ଦିବସ



**କେନ୍ଦୁଝର, ୨୨।୨(ସ୍ୱ.ପ୍ର./ଡି.ଏନ.ଏ.)-** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଡି.ଏନ୍. ହାଇସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଅତିଥି ଭାବେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ ଓ ନିଜର ମାତୃଭୂମି ଓ ମାତୃଭାଷା ପ୍ରତି ଯତ୍ନଶୀଳ ହେବା ସହ ପ୍ରତିଜ୍ଞା ବଦ୍ଧ ହେବା ପାଇଁ ଶିଶୁମାନଙ୍କୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ମାତୃଭାଷା ହିଁ ସର୍ବପ୍ରଥମେ ଆମକୁ ବ୍ୟବହାରିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଗାଡ଼ି ଧକ୍କାରେ ଜଣେ ମୃତ

**ଯୋଡ଼ା, ୨୨।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କୁଟୁଗାଁ ନିକଟସ୍ଥ ରାସ୍ତାରେ ଗୁରୁବାର ରାତିରେ ଏକ ଅଜଣା ଗାଡି ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୋଲିସ ସୂଚନାନୁଯାୟୀ ଗୁରୁବାର ରାତି ସାଢ଼େ ୯ଟାରେ ଝୁମ୍ପୁରା ଥାନା ଅନ୍ତର୍ଗତ ନହବେଡା ଗ୍ରାମର ତ୍ରିନାଥ ନାଏକ(୩୫) ତାଙ୍କ ବାଇକ୍ ଯୋଗେ ନୟାଗଡରୁ ନିଜ ଗ୍ରାମକୁ ଫେରୁଥିବା ବେଳେ କୁଟୁଗାଁ ନିକଟ ରାସ୍ତାରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ । ଏହା ପରେ ସେ ଫୋନ ଯୋଗେ ନିଜ ପରିବାର ଲୋକଙ୍କୁ ଦୁର୍ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ଝୁମ୍ପୁରା ଡାକ୍ତରଖାନା ନେଇଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାର ସେଠାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ । ମାତ୍ର ଡାକ୍ତର ସେଠାରେ ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ବାମେବାରୀ ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଠିକାସଂସ୍ଥା କର୍ମଚାରୀଙ୍କ ମୃତ୍ୟୁ

**ଯୋଡ଼ା, ୨୨।୨(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମଣ୍ଟେକାର୍ଲୋର ମନୋଜ ତିୱାରୀ ନାମକ ଜଣେ କର୍ମଚାରୀଙ୍କ ଶୁକ୍ରବାର ଡାକ୍ତରଖାନାରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ସୂଚନାନୁଯାୟୀ ଜଣାପଡିଛି ଯେ, ଶୁକ୍ରବାର ମୃତ ମନୋଜ ଝାଡା ହେବାରୁ ସେ ଅସୁସ୍ଥ ହୋଇ ପଡିଥିଲେ । ଫଳରେ ମନୋଜଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ହଠାତ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ମନୋଜଙ୍କର ହଠାତ ସନ୍ଦେହଜନକ ମୃତ୍ୟୁ ହେବାରୁ ମଣ୍ଟେକାର୍ଲୋ କମ୍ପାନୀ ପକ୍ଷରୁ ଏହାର ତଦନ୍ତ କରିବା ପାଇଁ ଯୋଡା ଥାନାରେ ଏକ ଏତଲା ଦିଆଯାଇଥିଲା । ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦୨୦) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବଡବିଲ ଡାକ୍ତରଖାନାକୁ ପଠାଯାଇଥିବା ସୂଚନା ଦେଇଛି ।

# ବାଉଁଶ କାରିଗରଙ୍କ କୌଳିକ ବୃତ୍ତି ଦିଗହରା

**ତେଲକୋଇ, ୨୨।୨(ଡି.ଏନ.ଏ.)**

■ମିଳୁନି ସରକାରୀ ସହାୟତା
■ଭଙ୍ଗା କୁଡ଼ିଆରେ ବିତୁଛି ଦିନ

ତେଲକୋଇ ବ୍ଲକ ଅଧୀନରେ ବିଭିନ୍ନ ଗ୍ରାମରେ ବାଉଁଶ ଦ୍ୱାରା ବିଭିନ୍ନ ସାମଗ୍ରୀ ତିଆରି କରି ପରିବାର ପୋଷଣ କରିଥାନ୍ତି। ବାଉଁଶରେ କୁଲା, ଟୋକେଇ, ଡଲା, ଚେୟାର, ଝୁଡ଼ି ଆଦି ବିଭିନ୍ନ ସାମଗ୍ରୀ ବିକ୍ରି କରି କୌଳିକ ବୃତ୍ତି ଯୋଗୁ ପରିବାର ପୋଷଣ କରିଥାନ୍ତି। ତେବେ ଏହି କୌଳିକ ବୃତ୍ତିଧାରୀଙ୍କୁ ସରକାରୀ ସହାୟତା ନ ଥିବା ଯୋଗୁ କେବଳ ନିଜ ବୃତ୍ତିକୁ ନେଇ ଦିଗହରା ହୋଇପଡିଛନ୍ତି। ପୁରୁଣା ବେଉସା ଧୀରେ ଧୀରେ ବୁଡ଼ିବାକୁ ବସିଲାଣି। ତେବେ ଯେଉଁମାନେ ଏହାକୁ ବଞ୍ଚାଇ ରଖିଛନ୍ତି ସେମାନେ କିନ୍ତୁ ସରକାରଙ୍କ କୌଣସି ସୁବିଧା ପାଇପାରୁନାହାନ୍ତି। ଅବହେଳିତ ହୋଇ ରହିଯାଉଛନ୍ତି। ଏପରିକି ଭଙ୍ଗା କୁଡିଆରେ ଜୀବନ ଯାପନ କରି ବୃତ୍ତିର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଆଜିକା ଦିନରେ ମଧ୍ୟ ସେହି ବାଉଁଶ ତିଆରି ସାମଗ୍ରୀର ଚାହିଦା ବେଶ୍ ଅଧିକା ରହିଛି।



କୁଡିଆ ସମ୍ମୁଖରେ ବାଉଁଶ ସାମଗ୍ରୀ ପ୍ରସ୍ତୁତିରେ ଦୁଇ କାରିଗର।

ଓରିଆ ପଞ୍ଚାୟତ କତରାପାଲି ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ପରିବାର ଏହି ବୃତ୍ତିକୁ ଆପଣେଇ ଅଦ୍ୟାବଧି ବିଭିନ୍ନ ଗ୍ରାମରେ ବାଉଁଶ ତିଆରି କାମକୁ ଘରେ ଘରେ ପହଞ୍ଚାଇ ରୋଜଗାର କରିଥାନ୍ତି । ହେଲେ ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କା ଘର, ଭତ୍ତା ଆଦି ଏମାନଙ୍କ ପାଖରେ ଅପହଞ୍ଚ ହୋଇପଡିଛି । ଉକ୍ତ ଗ୍ରାମରେ ପ୍ରତି ଘରେ ଏହି କୌଳିକ ବୃତ୍ତିକୁ ଆପଣେଇଛନ୍ତି । ବିଭିନ୍ନ ଗ୍ରାମରୁ ବାଉଁଶ ଗଛ ସଂଗ୍ରହ କରି ଏବଂ ଅର୍ଥ ଦେଇ ଖରିଦ କରିଥାନ୍ତି। ଏହା ପରେ ଘରେ ବସି ଏହି ବାଉଁଶରୁ ବିଭିନ୍ନ ସାମଗ୍ରୀ କରି ବିକ୍ରି କରିବାର ମାଧ୍ୟମ କରିଥାନ୍ତି। ଏହି ଗ୍ରାମର କ୍ଷେତ୍ରବାସୀ ବେହେରା ଭଙ୍ଗା କୁଡିଆରେ ରହିବା ସହିତ ପରିବାର ସହିତ କୌଳିକ ବୃତ୍ତିକୁ ପୂର୍ବପୁରୁଷର କାର୍ଯ୍ୟକୁ ଦୋହରାଇଛନ୍ତି । ଏହି ଗ୍ରାମରେ ୩୦ରୁ ଉର୍ଦ୍ଧ୍ୱ ପରିବାର କାର୍ଯ୍ୟ କରୁଥିଲେ ହେଁ ଗ୍ରାମର ସମସ୍ତେ ଝୁମ୍ପୁଡ଼ି ଘରେ ରହୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ କିଷାନଙ୍କୁ ପଚାରିବାରୁ ଚଳିତ ବର୍ଷ ସମସ୍ତ ଗରିବ ପରିବାର ପାଇଁ ଗୃହ ଯୋଜନା ହୋଇଛି । ଏଥିରେ ସେମାନେ ସାମିଲ ହୋଇପାରିବେ। ସ୍ଥାନୀୟ ବିଡିଓ ଦିଲୀପ କୁମାର ବାରା କହିଛନ୍ତି ଯେ, ଏହି ବାଉଁଶ କାରିଗରଙ୍କ ପାଇଁ ଜିଲା କ୍ଷୁଦ୍ର ଶିଳ୍ପ ବିଭାଗକୁ ଜଣାଇବା ସହିତ ତାଙ୍କୁ ପ୍ରୋତ୍ସାହନ ପାଇଁ ବ୍ୟବସ୍ଥା ଦିଗରେ ଧ୍ୟାନ ଦେବେ।

# ରାସ୍ତାରେ ଗିଲିରି ଫୁଲର ପସରା

**କେନ୍ଦୁଝର, ୨୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବାଟେଘାଟେ ଓ ହାଟବଜାରରେ ଏବେ ଗିଲିରି ଫୁଲର ଆସର ଦେଖିବାକୁ ମିଳୁଛି । ଏହି ଋତୁରେ ଗିଲିରି ଫୁଲ ଫୁଟେ। ଏହି ଫୁଲ ଫୁଟି ଜଙ୍ଗଲାଞ୍ଚଳ ତଥା ବାଡ଼ିବଗିଚାର ଶୋଭାବର୍ଦ୍ଧନ କରେ। ତେବେ ଅନେକେ ଏହି ଗିଲିରି ଫୁଲ କିଣି ଖାଦ୍ୟ ଭାବେ ବ୍ୟବହାର କରିଥାନ୍ତି । ପ୍ରାକୃତିକ ପରିବେଶରେ ଫୁଟୁଥିବା ଏହି ଫୁଲର ସ୍ୱାଦ ନିଆରା ଓ ସ୍ୱାସ୍ଥ୍ୟ ପକ୍ଷେ ହିତକର ମଧ୍ୟ। ଏଣୁ ଏହି ବନବାସୀଙ୍କ ଖାଦ୍ୟ ଏବେ ଗ୍ରାମ ଓ ସହରର ଘରେ ଘରେ ପହଞ୍ଚିଯାଇଛି । ଏପରିକି ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଏହାକୁ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି । ଏହାକୁ କିଏ ଚାଉଳ ବଟା ବା ବେସନରେ ମିଶାଇ ଭଜା କରେ ତ କିଏ ଶାଗ ଭଳି ଭାଜି ଖାଇଥାନ୍ତି । ବନବାସୀମାନେ ଏହାକୁ ଗଛରୁ ତୋଳି ଆଣି ଭାଗ ୧୦ରୁ ୨୦ ଟଙ୍କାରେ ବିକି ଦୁଇ ପଇସା ଉପାର୍ଜନ କରି ତେଲଲୁଣ କିଣି ଚଳନ୍ତି। ବିଶେଷ କରି ବଣଜଙ୍ଗଲ ପୂର୍ଣ୍ଣ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ଆଦି ଅଞ୍ଚଳର ବଣଜଙ୍ଗଲରେ ଅଧିକ ମିଳିଥାଏ। ଅନ୍ୟ ବନଜାତ ଦ୍ରବ୍ୟ ଭଳି ଗିଲିରି ଫୁଲ ଆଜିକାଲି ବନବାସୀଙ୍କ ଜୀବିକା ନିର୍ବାହରେ ସହାୟକ ହୋଇପାରୁଥିବା ବେଳେ ଏହା ସୁସ୍ୱାଦୁ ଏବଂ ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ ବୋଲି କବିରାଜ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି।



ମହିଳାମାନେ ରାସ୍ତାରେ ଗିଲିରି ଫୁଲ ବିକ୍ରି କରିବା ଲାଗି ବସିଛନ୍ତି।

# ରାସ୍ତା ଜାମ୍ ଯୋଗୁ ପରୀକ୍ଷାର୍ଥୀ ହୀନସ୍ତା

**ଜିଲାପାଳଙ୍କ ନିର୍ଦ୍ଦେଶନାମା ହେଉନି କାର୍ଯ୍ୟକ୍ଷମ**

**ଆନନ୍ଦପୁର, ୨୨।୨(ସ୍ୱ.ପ୍ର.)**

ମାଟ୍ରିକ୍ ପରୀକ୍ଷାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲାପାଳ ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାତାୟାତକୁ ଭୋର ୫ଟା ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରତିବନ୍ଧକ ଲଗାଇଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବାରେ ସ୍ଥାନୀୟ ପ୍ରଶାସନର ବିଫଳତା ଦେଖିବାକୁ ମିଳିଛି। ଦୈନିକ ଆନନ୍ଦପୁର ବ୍ଲକ ଅଧୀନ ବେଲବାହାଳିର ବିପଦପୂର୍ଣ୍ଣ କୁଶେଇ ସେତୁ ଉପରେ ଗାଡ଼ି ଚଳାଚଳ ସମୟରେ ଟ୍ରାଫିକ୍ ସମସ୍ୟା ଲାଗିରହିଛି। ଏହା ଦ୍ୱାରା ସାଧାରଣରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି କ୍ଷେତ୍ରରେ କେନ୍ଦୁଝର ଜିଲାପାଳ ମାଟ୍ରିକ୍ ପରୀକ୍ଷାକୁ ଲକ୍ଷ୍ୟ ରଖି ଖଣିଜ ପଦାର୍ଥ ପରିବହନ କରୁଥିବା ଗାଡ଼ିଗୁଡ଼ିକର ଯାତାୟାତ ଉପରେ ପ୍ରତିବନ୍ଧକ ଲଗାଇଥିଲେ, ଯାହାକୁ ନେଇ ଅଭିଭାବକ ମହଲରେ ଆଶ୍ୱସ୍ତି ଲାଭ କରିଥିଲେ। ହେଲେ ଜିଲାପାଳଙ୍କ ଦ୍ୱାରା ଲଗାଯାଇଥିବା ଏହି ପ୍ରତିବନ୍ଧକ କେବଳ ମାତ୍ର କାଗଜପତ୍ରରେ ସୀମିତ ହୋଇରହିଥିଲା। ଅନ୍ୟପକ୍ଷରେ ପରୀକ୍ଷା କେନ୍ଦ୍ର ଥିବା ବେଲବାହାଳିର କୁଣ୍ଡଳାଇ ହାଇସ୍କୁଲକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ୧୪୪ ଧାରା ଲାଗୁ କରାଯାଇଛି। ଏହା ସତ୍ତ୍ୱେ ୨୦ ନଂ ଜାତୀୟ ରାଜପଥକୁ ଲାଗି କରି ରହିଥିବା ଏହି କେନ୍ଦ୍ର ଦେଇ ଭାରିଯାନ ଅନବରତ ଚାଲୁ ରହିଛି। ଫଳରେ ପରୀକ୍ଷାର୍ଥୀମାନେ ଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପାରି ନ ଥିବାରୁ ଶନିବାର ଇଂଲିଶ ପରୀକ୍ଷା ଦିନ ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଅଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

### ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଝୁମ୍ପୁରା, ୨୨।୨(ଡି.ଏନ.ଏ.)**

ମହାଶିବରାତ୍ରି ଜାଗରମେଳା ପାଇଁ ଶୁକ୍ରବାର ସକାଳ ଠାରୁ ବିଳମ୍ବିତ ରାତି ମହାଦୀପ ଉଠିବା ପର୍ଯ୍ୟନ୍ତ ଝୁମ୍ପୁରା ବ୍ଲକର ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଝୁମ୍ପୁରା ବାବା ପଞ୍ଚାନନ ମହାଦେବ, ଓଁ କାରେଶ୍ୱର ମନ୍ଦିର, ଦୁର୍ଗାପୁର, ଅର୍ଶଳା ଶିବ ମନ୍ଦିର, ନୟାଗଡ଼ର ବହୁ ପୁରୁଣା ବାବା ମୁକ୍ତେଶ୍ୱର ଶୈବପୀଠରେ ଶହ ଶହ ଶ୍ରଦ୍ଧାଳୁ, ବୈତରଣୀ ଏବଂ ଅରଡେଇ ନଦୀରୁ ପାଣି ଉଠାଇ ବାବାଙ୍କର ଜଳାଭିଷେକ କରିଥିଲେ। ଶ୍ରଦ୍ଧାଳୁ ଗଣ ଧାଡି ବାନ୍ଧି ମହାଦେବଙ୍କର ପୂଜାର୍ଚ୍ଚନା କରିଥିଲେ। ଭିଡକୁ ଦୃଷ୍ଟିରେ ରଖି କେତେକ ଶୈବପୀଠରେ ପୋଲିସର ସହାୟତା ନିଆଯାଇଥିଲା। ନୟାଗଡର ବାବା ମୁକ୍ତେଶ୍ୱର ପୀଠ, ଝୁମ୍ପୁରା ବାବା ପଞ୍ଚାନନ ମହାଦେବଙ୍କ ପୀଠ ସମେତ କେତେକ ସ୍ଥାନରେ ଭଜନ ସମାରୋହ, ପ୍ରବଚନ କାର୍ଯ୍ୟକ୍ରମ ଚାଲିଛି।

# ବିଶ୍ୱ ଚିନ୍ତନ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ସ୍କାଉଟ୍ସ ଓ ଗାଇଡ୍ସ କମିଶନରଙ୍କ ସହିତ ଛାତ୍ରୀଛାତ୍ର।

**କେନ୍ଦୁଝର, ୨୨।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ସ୍କାଉଟ୍ ଓ ଗାଇଡ୍ ପରିବାର ତରଫରୁ ସ୍ଥାନୀୟ ସ୍କାଉଟ ଓ ଗାଇଡ ଭବନଠାରେ ବିଶ୍ୱ ଚିନ୍ତନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଜିଲା ମୁଖ୍ୟ ସ୍କାଉଟ ଗାଇଡ କମିଶନର ତଥା ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କାଉଟ ଗାଇଡମାନଙ୍କୁ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ସେମାନେ କିପରି ସେବାକୁ ବ୍ରତ ରୂପେ ଗ୍ରହଣ କରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲା ସ୍କାଉଟ କମିଶନର ସୁଶିଲ କୁମାର ନାୟକ ଦିବସର ତାତ୍ପର୍ଯ୍ୟ ଏବଂ ସଙ୍କଳ୍ପ ସମ୍ବନ୍ଧରେ ସ୍କାଉଡ ଗାଇଡମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ସ୍କାଉଟ ଗାଇଡ ସମ୍ପାଦକ ସର୍ଦ୍ଦାର ବାରିକ ସ୍ୱାଗତଭାଷଣ ଦେଇଥିଲେ ଏବଂ ସ୍କାଉଟ ଶିକ୍ଷକ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ସ୍କାଉଟ ମାଷ୍ଟର ଗୁରୁଦେବ ମହାନ୍ତଙ୍କୁ ଫଳକ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାଷ ଋଣ ବିତରଣ ଶିବିର




ଶିବିରରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀଙ୍କ ସହ ଚାଷୀମାନେ।

**କେନ୍ଦୁଝର, ୨୨।୨(ଡି.ଏନ୍.ଏ.)**

ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ଇଣ୍ଡିଆର କେନ୍ଦୁଝର ଅଞ୍ଚଳରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାକୁ ଅଗ୍ରାଧିକାର ଦେଇ କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଚାଷ ଋଣ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ଉପମହାପ୍ରବନ୍ଧକ ଏବଂ ଆଞ୍ଚଳିକ ପ୍ରବନ୍ଧକ ସୌନ୍ଦର୍ଯ୍ୟ ଭୂଷଣ ସାହାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଘୁନାଥପୁର, ହରିଚନ୍ଦନପୁର ଏବଂ ଘଟଗାଁଠାରେ ଚାରି ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଚାଷ ଋଣ ବିତରଣ କରାଯାଇଛି। କେନ୍ଦୁଝର ଜିଲାରେ କୃଷି କ୍ଷେତ୍ରର ଉନ୍ନତି ଏବଂ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡର ବିକାଶ କେନ୍ଦୁଝରର ଅଗ୍ରଣୀ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ମୂଳ ଲକ୍ଷ୍ୟ ବୋଲି ସାହାଣୀ ପ୍ରକାଶ କରିଛନ୍ତି। ଚାଷ ଋଣ ବ୍ୟତୀତ ଚାଷ କାର୍ଯ୍ୟରେ ଲାଗୁଥିବା ଅତ୍ୟାଧୁନିକ ବିହନ ଓ ଯନ୍ତ୍ରପାତି ପାଇଁ ମଧ୍ୟ ବ୍ୟାଙ୍କ ଋଣ ଯୋଗାଇ ଦେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଆଲୋକପାତ କରିଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଲୋଗାନ 'ସମ୍ପର୍କର ଜମାପୁଞ୍ଜି' କୁ ପାଥେୟ କରି ଉନ୍ନତ ମାନର ଗ୍ରାହକ ସେବା ବ୍ୟାଙ୍କ ଯୋଗାଇ ଦେବ ବୋଲି ସାହାଣୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ନରଣପୁର ଶାଖାର ପ୍ରବନ୍ଧକ ଶୁଭେନ୍ଦୁ ମଣ୍ଡଳ, ହରିଚନ୍ଦନପୁର ଶାଖାର ବରିଷ୍ଠ ପ୍ରବନ୍ଧକ ଅଶୋକ କୁମାର ସାହୁ ଓ ଘଟଗାଁ ତାରିଣୀ ମନ୍ଦୀର ଶାଖାର ବରିଷ୍ଠ ପ୍ରବନ୍ଧକ ପ୍ରବୋଧ କୁମାର ଦଳେଇ ଉପସ୍ଥିତ ଥିଲେ।

### ଜାଗର ମହୋତ୍ସବ ଆରମ୍ଭ

**ପାଟଣା,୨୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆନନ୍ଦେଶ୍ୱର ମହାଦେବଙ୍କ ଜାଗର ମହୋତ୍ସବ ୨୦୨୦ ଶନିବାର ସନ୍ଧ୍ୟାରେ ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଆନନ୍ଦେଶ୍ୱରଙ୍କ ଚଳନ୍ତି ପ୍ରତିମାଙ୍କ ସହ କେନ୍ଦୁଝର ରାଜା ଧନଞ୍ଜୟ ଭଞ୍ଜ ଓ ରାଣୀ ସୁନନ୍ଦିନୀ ଦେବୀ ଏକ ସୁସଜ୍ଜିତ ରଥରେ ପାଟଣା ମୁଖ୍ୟାଳୟ ପରିକ୍ରମା କରିବା ପରେ ମହୋତ୍ସବ ସ୍ଥଳୀକୁ ଆସିଥିଲେ। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ରାଜା ଧନୁଞ୍ଜୟ ଭଞ୍ଜ ଓ ରାଣୀସୁନନ୍ଦିନୀ ଭଞ୍ଜ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭା ଜାଗର କମିଟିର ସ୍ଥାୟୀ ସଭାପତି ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ରାଜା ଧନୁଞ୍ଜୟ ଭଞ୍ଜ, ସମ୍ମାନିତ ଅତିଥି ଭାବେ ରାଣୀ ସୁନନ୍ଦିନୀ ଭଞ୍ଜ, ସାମାଜିକ କର୍ମୀ ଈଶ୍ୱର ଚନ୍ଦ୍ର ଦାଶ, ଉତ୍‌ଥାନ ଫାଉଣ୍ଡେଶନ ଜିଲା ସଭାପତି ସତ୍ୟବ୍ରତ ନାଏକ, ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର, ନବଘନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅରୁଣ କୁମାର ମିଶ୍ର ସଂଯୋଜନା କରିଥିଲେ। କରଞ୍ଜିଆ ନୃତ୍ୟଶ୍ରୀ ସଂଗଠନର ସୃଷ୍ଟି ସଙ୍ଗୀତା ଓଡିଶୀ ନୃତ୍ୟ ପରିବେଷଣ କରିବା ପରେ ବାଦୀପାଲାରେ ଗାୟକ ପଞ୍ଚାନନ ବାରିକ ଓ ଧନେଶ୍ୱର ମହାନ୍ତଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି।

# ଯାତ୍ରୀଙ୍କୁ ଆକୃଷ୍ଟ କରୁଛି ଶୋଲା ଡାଳ

**ଚମ୍ପୁଆ,୨୨।୨(ଡି.ଏନ.ଏ)**

ଯାତ୍ରୀଠାରୁ ଆରମ୍ଭ କରି ସାଧାରଣ ପଥିକଙ୍କୁ ଖାଦ୍ୟର ଖୋରାକ ଯୋଗାଇ ଟାଇମପାସ କରିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି ଚଣାଗଛର ଡାଳ। ବିଶେଷ ଭାବେ ବସଷ୍ଟାଣ୍ଡ ଓ ଲୋକଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ ସ୍ଥାନ ଗୁଡିକରେ ଏହା ବହୁଳ ଭାବେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଆଦିବାସୀ ଶ୍ରେଣୀର ଚାଷୀଠାରୁ ଆରମ୍ଭ କରି ସାଧାରଣ ଚାଷୀ ଏହାକୁ ବହୁପରିମାଣରେ ଚାଷ କରି ବେଶ ସଫଳତା ପାଇଥିବା ବେଳେ ଆର୍ଥିକ ମାନଦଣ୍ଡ ସୁଦୃଢ କରିବାରେ ବେଶ ନଜିର ରହିଛି। ଏହା ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ହେଉ ଥିବାରୁ ଚାଷୀ ଏହାକୁ ବେଶ ଆଗ୍ରହର ସହ ଚାଷ କରିଥାନ୍ତି। ଚଳିତ ବର୍ଷ ଚମ୍ପୁଆରେ ୨୫୦ କୁଇଣ୍ଟାଲ ବିହନ କୃଷିବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଛି। କେବଳ ଆର୍ଦ୍ରତା ଥିବା ଜମିରେ ହଳକରି ବିହନ ଗଜାହେବା ପର୍ଯ୍ୟନ୍ତ ଚାଷୀର ଚିନ୍ତା ରହିଥିବା ବେଳେ ମଟାଳମାଟି ଏହା ପାଇଁ ଉପଯୁକ୍ତ ସଫଳତା ଆଣି ଦେଇଥାଏ। ଏହି ଚାରି ମାସିଆ ଅମଳକ୍ଷମ ଚଣାଚାଷ ଧାନଚାଷର ପରେ ପରେ ଆରମ୍ଭ କରାଯାଇଥାଏ। ନଭେମ୍ବର ମାସରୁ ଫେବୃୟାରୀ ମାସ ମଧ୍ୟରେ ଏହା ଅମଳ କରାଯିବାକୁ ଥିବା ବେଳେ ପ୍ରାୟ ୮୦ ଦିନ ବେଳକୁ ଚାଷୀ ଏହି ଚଣାଗଛ ଡାଳକୁ ବିକ୍ରି କରିଥାଏ। ପାଚିଲା ଚଣା ଅମଳ ବ୍ୟୟସାପକ୍ଷ ହେଉଥିବାରୁ ଚାଷୀ କଞ୍ଚା ଚଣା ବିକ୍ରିକରି ଲାଭ ପାଇଥାଏ। ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ଭାବେ ପଥିକ ବ୍ୟବହାର କରିଥାନ୍ତି। ଗଛ ଗୁଡିକୁ ମୁଠା ଭାବରେ ବାନ୍ଧି ମୁଠାପ୍ରତି ୧୦ ରୁ ୨୦ ଟଙ୍କାରେ ବିକ୍ରି କରିଥାଏ। ସ୍ଥାନୀୟ ଅଞ୍ଚଳରେ ଶୋଲାଡାଳ ଭାବେ ପରିଚିତ ଏହି ଚଣାଡାଳକୁ ଯାତ୍ରି ଓ ପଥିକ ମାନେ ଆଗ୍ରହର ସହ କିଣିଥାନ୍ତି। ଏପରିକି ବସଷ୍ଟାଣ୍ଡ ଆଦି ସ୍ଥାନରେ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ଏହାକୁ ଖାଇବା ସହ ଅପେକ୍ଷାସମୟ ସାରିଥାନ୍ତି। ବର୍ତ୍ତମାନ ଏହାର ଚାହିଦା ବଢ଼ିବାରେ ଲାଗିଛି।



ଗ୍ରାହକଙ୍କ ଅପେକ୍ଷାରେ ବିକ୍ରେତା।

# ଚୋରାକାଠ ସହ ପିକ୍ ଅପ୍ ଜବତ

**ଢେଙ୍କିକୋଟ, ୨୨।୨(ଡି.ଏନ୍.ଏ.)**

ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ, ବାରାହାଟିପୁରା ଠାରେ ଶନିବାର ଘଟଗାଁ, ପାଟଣା ଓ ସଦର ରେଞ୍ଜର ବନବିଭାଗ ଦ୍ୱାରା ଏକ ଚୋରା ପିକ୍‌ଅପ୍ ଭ୍ୟାନ ସହ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳକାଠ ଜବତ କରାଯାଇଛି। ସକାଳ ୧୦ଟା ବେଳେ ହରିଚନ୍ଦନପୁର ରାସ୍ତା ସୁନାରିପଶି ଦେଇ ଏକ ପିକ୍‌ଅପ୍‌ରେ ୫ ଗଡ଼ି ମୂଲ୍ୟବାନ ଶାଳକାଠ ଲୋଡ଼ କରି ଦ୍ରୁତଗତିରେ ଆସିଥିଲା। ମାତ୍ର ସେଠାରେ ଯୋଜନାବଦ୍ଧ ଭାବେ ପାଟଣା ଫରେଷ୍ଟଗାର୍ଡ଼ ତ୍ରିନାଥ ଜେନା ଢେଙ୍କିକୋଟ ଫରେଷ୍ଟର ଗୌରଚନ୍ଦ୍ର ନାଏକ ସଦଳବଳେ ଜଗି ରହି ଗାଡି ସହ କାଠ ଜବତ କରିଥିଲେ। ତେବେ ଏହି ଘଟଣାରେ କାହାକୁ ଗିରଫ କରାଯାଇପାରିନାହିଁ।




କାଠସହ ଜବତ ହୋଇଥିବା ପିକ୍ ଅପ୍ ଭ୍ୟାନ୍।

# କାର୍ଯ୍ୟକ୍ଷମ ହେଉନି ପାନୀୟଜଳ ପ୍ରକଳ୍ପ

**ଝୁମ୍ପୁରା, ୨୨।୨ (ଡି.ଏନ.ଏ.)**

■୨୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପାଣିରେ ପଡ଼ିଲା
■ଜଳକଷ୍ଟ ଭୋଗୁଛନ୍ତି ପଞ୍ଚାୟତବାସୀ

ଝୁମ୍ପୁରା ବ୍ଲକର ଗ୍ରାମାଞ୍ଚଳ ଓ ଜଙ୍ଗଲାଞ୍ଚଳରେ ରହିଥିବା ବହୁ ଜନବସତି ଏବେ ମଧ୍ୟ ପାନୀୟ ଜଳ କଷ୍ଟ ଭୋଗୁଛନ୍ତି। ଯେଉଁ ସବୁ ଗ୍ରାମାଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ ଗୁଡିକରୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି, ମରାମତି ଅଭାବରୁ ମାସ ମାସ ଧରି ପମ୍ପହାଉସକୁ ବନ୍ଦ ରଖାଯାଉଛି। ପାଇପ କ୍ଷତିଗ୍ରସ୍ତ ହେଲେ ମାସ ମାସ ଧରି ସଜଡା ଯାଉନାହିଁ। ଟେଣ୍ଡରଧାରୀଙ୍କ ନିମ୍ନମାନର କାମ ଯୋଗୁ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିବା, ଓଭରହେଡ ଟାଙ୍କିରୁ ପାଣି ଲିକ କରିବା, ନିମ୍ନମାନର ପାଇପ କିଛିଦିନ ପରେ ଆପଣାଛାଏଁ ଫାଟିଯିବା ଆଦି ସମସ୍ୟା ଦେଖା ଦେଉଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗରୁ ଟେଣ୍ଡର ନେଇ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଥିବା ଠିକାଦାରମାନେ ନିର୍ମାଣ ସମୟରେ ମନମାନି କାର୍ଯ୍ୟ ଚଳାଇ ରଖୁଥିବା ଅଭିଯୋଗ ହେଉଛି। ବ୍ଲକର ବାରିଆ, ଅସନପାଟ, ଧନୁର୍ଜୟପୁର, ଅସୁକି, ଖେଣ୍ଡରା ଆଦି ଜଳ ପ୍ରକଳ୍ପଗୁଡିକର ଅଭିଯୋଗ ବହୁ ସମୟରେ ବିଭାଗୀୟ କାର୍ଯ୍ୟାଳୟକୁ ଆସୁଛି, ହେଲେ ସବୁ ସମୟରେ କେବଳ ପ୍ରତିଶ୍ରୁତିରେ କାମ ଚଳାଇ ନିଆଯାଉଛି।

ଏହିପରି ଖେଣ୍ଡରା ପଞ୍ଚାୟତରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଫେଲ ମାରିଛି। ଗ୍ରାମାଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣକାରୀ ପ୍ରକଳ୍ପ, ଗ୍ରାମାଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ରଖିଯାଇ ଖେଣ୍ଡରା ଗ୍ରାମ ଠାରେ ୨୦୧୪-୧୫ରେ ଏକ ପ୍ରକଳ୍ପ କାମ କରାଯାଇଥିଲା। ସେତେବେଳେ, ଏହାର ବ୍ୟୟ ଅଟକଳ ରହିଥିଲା ୧୬ଲକ୍ଷ ଟଙ୍କା। ୨୫୦ ପରିବାରର ୧୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖାଗଲା। ପ୍ରକଳ୍ପ ଚାଲିବାର କିଛିଦିନ ପରେ ଓଭରହେଡ ଟାଙ୍କିର ୪ ଜାଗାରୁ ପାଣି ଲିକ ହେବା ସହିତ ୱାର୍ଡ ରାସ୍ତାରେ ବିଛା ଯାଇଥିବା ପାଇପ ଫାଟିଗଲା। ଏହି ପାନୀୟ ଜଳ ଯୋଗାଣ ବନ୍ଦ ହୋଇଗଲା। ପୁଣି ସେ ସବୁ ମରାମତି ପାଇଁ ୨ମାସ ସମୟ ଲାଗିଗଲା। ମରାମତି ପରେ ପ୍ରକଳ୍ପ ଚାଲିଲା, ହେଲେ ଗ୍ରାମାଞ୍ଚଳରେ ବିଦ୍ୟୁତର ଲୋ ଭୋଲଟେଜ ସମସ୍ୟା କୁହାଯାଇ ଉକ୍ତ ପ୍ରକଳ୍ପକୁ ୨୦୧୬-୧୭ରେ ସୋଲାର ସିଷ୍ଟମ କରାଯିବା ନିମନ୍ତେ ଆଉ ଗୋଟିଏ ଗଭୀର ନଳକୂପ ଓ ସୋଲାର ପ୍ଲେଟ ପାଇଁ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଗଲା। ପୁଣି କିଛିଦିନ ଚାଲିଲା ପାନୀୟ ଜଳ ପ୍ରକଳ୍ପ। ତା'ପରେ ପୁନର୍ବାର ପୁରୁଣା ଅବସ୍ଥାକୁ ଆସିଗଲା। ଉକ୍ତ ପ୍ରକଳ୍ପରେ ବିଦ୍ୟୁତ ସଂଯୋଗ ସହିତ ସୋଲାର ସିଷ୍ଟମ ମଧ୍ୟ ରହିଛି ହେଲେ ପ୍ରକଳ୍ପ ଚାଲୁନାହିଁ। ପୂର୍ବଭଳି ଧାଡି ବାନ୍ଧି ମହିଳାମାନେ ୨ଟି ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହାମଧ୍ୟରେ ବହୁବାର ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।